CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୧୮ ◆ ଭୁବନେଶ୍ୱର ◆ ସୋମବାର ◆ ଡିସେମ୍ବର ୨୨ରୁ ଡିସେମ୍ବର ୨୮, ୨୦୨୫ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-18 ◆ Bhubaneswar ◆ Monday ◆ December 22 to December 28, 2025 ◆ Page-8 ◆ Price Rs.4.00


# ଭିବି-ଜି ରାମ୍ ଜି' ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରି

ନୂଆଦିଲ୍ଲୀ,(ସ୍ୱ.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରାମୀଣ ନିଯୁକ୍ତି ନୀତିର ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ୱରୂପ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) ଅର୍ଥାତ୍ 'ଭିବି-ଜି ରାମ ଜି' ବିଲ୍ ୨୦୨୫କୁ ମଞ୍ଜୁରି ପ୍ରଦାନ କରିଛନ୍ତି। ଏହା ସହିତ ଦେଶର ପ୍ରମୁଖ ଗ୍ରାମୀଣ ରୋଜଗାର ଯୋଜନାରେ ବଡ଼ ପରିବର୍ତ୍ତନର ରାସ୍ତା ପରିଷ୍କାର ହୋଇଛି। ଏହି ମଞ୍ଜୁରୀ ପରେ ପ୍ରାୟ ଦୁଇ ଦଶକ ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ (ମନରେଗା) ଏବେ ନୂଆ ଆଇନରେ ପରିବର୍ତ୍ତିତ ହୋଇଛି, ଯାହାକୁ ସରକାରଙ୍କ ବିକଶିତ ଭାରତ ୨୦୪୭ର ଭିଜନ୍ ସହ ଯୋଡ଼ାଯାଇଛି। ନୂଆ ଆଇନ ଅଧୀନରେ ଗ୍ରାମୀଣ ପରିବାରକୁ ପ୍ରତି ଆର୍ଥିକ ବର୍ଷରେ ମିଳୁଥିବା ୧୦୦ ଦିନର ରୋଜଗାର ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି। ଯାହା ସଶକ୍ତିକରଣ ଓ ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ସହ ଏକ ସମୃଦ୍ଧ, ସ୍ଥିର ଏବଂ ଆତ୍ମନିର୍ଭରଶୀଳ ଗ୍ରାମୀଣ ଭାରତ



ପାଇଁ ମୂଳଦୁଆକୁ ମଜବୁତ କରିବ। ସରକାର ଏହାକୁ ଲାଭର ବିସ୍ତାର ରୂପେ ଦର୍ଶାଇବା ସହିତ କହିଛନ୍ତି, ପୂର୍ବରୁ ୧୦୦ ଦିନର ସୀମା ସର୍ବଦା ନ୍ୟୁନତମ ଗ୍ୟାରେଣ୍ଟି ପରିବର୍ତ୍ତେ ଏକ କଡ଼ା ଅଧିକତମ ସୀମା ଭାବେ କାମ କରୁଥିଲା।

ଫଣ୍ଡିଂ ବ୍ୟବସ୍ଥାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ମନରେଗାରେ ଶ୍ରମିକଙ୍କ ମଜୁରୀର ପୂରା ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଥିଲେ। ଏବେ ନୂଆ 'ଭିବି-ଜି ରାମ୍ ଜି' ଆଇନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମିଳିତ ଫଣ୍ଡିଂ ବ୍ୟବସ୍ଥା କରାଯାଇଛି। ଏହା ଅଧୀନରେ ୬୦:୪୦ ଅନୁପାତରେ ଖର୍ଚ୍ଚ ହେବ। ଏହା ପୂର୍ବରୁ ଉତ୍ତର-ପୂର୍ବ ଏବଂ ହିମାଳୟ କ୍ଷେତ୍ରରେ ଥିବା ରାଜ୍ୟ ପାଇଁ ୯୦:୧୦ ଏବଂ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ୭୫:୨୫ ପାଟର୍ନ ଲାଗୁ ଥିଲା। ସରକାରଙ୍କ କହିବା ଅନୁସାରେ ଏହାଦ୍ୱାରା ସହକାରୀ ସଂଘୀୟବାଦ (କୋ-ଅପରେଟିଭ୍ ଫେଡେରାଲିଜମ୍)କୁ ପ୍ରୋତ୍ସାହନ ମିଳିବ ଏବଂ ରାଜ୍ୟଗୁଡ଼ିକର ଦାୟିତ୍ୱ ବୃଦ୍ଧି ପାଇବ। ନୂଆ ଆଇନ ଅଧୀନରେ ପ୍ରଥମ ଥର ଫସଲ ବୁଣା ଓ ଅମଳର ପିକ୍ ସିଜନ୍ ଅବସରରେ ଗ୍ରାମୀଣ ରୋଜଗାରକୁ ଅଧିକତମ ୬୦ ଦିନ ପର୍ଯ୍ୟନ୍ତ ରୋକାଯାଇ ପାରିବା ପାଇଁ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ସଂସଦ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) ବିଲ୍, ୨୦୨୫ ପାରିତ କରିଥିଲା, ଯାହା ଭାରତର ଗ୍ରାମୀଣ ନିଯୁକ୍ତି ଏବଂ ବିକାଶ ଢାଞ୍ଚାରେ ଏକ ନିର୍ଣ୍ଣାୟକ ସଂସ୍କାର ଆଣିବ। ଏହି ଆଇନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ଏମ୍‌ଜିଏନ୍‌ଆରଇଜିଏ) ୨୦୦୫କୁ ଏକ ଆଧୁନିକ ସାମ୍ବିଧାନିକ ଢାଞ୍ଚା ସହିତ ପରିବର୍ତ୍ତିତ କରେ। ଏହା ଗ୍ରାମୀଣ ପରିବାର ପାଇଁ ଆୟ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଶାସନ ଓ ଉତ୍ତରଦାୟିତ୍ୱକୁ ଆଧୁନିକ କରି ମଜୁରୀ ଭିତ୍ତିକ ନିଯୁକ୍ତିକୁ ସ୍ଥାୟୀ ଏବଂ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି ସହିତ ସଂଯୋଗ କରିବ। ଏହା ଦ୍ୱାରା ଏକ ସମୃଦ୍ଧ ତଥା ସ୍ଥିର ଗ୍ରାମୀଣ ଭାରତ ପାଇଁ ମୂଳଦୁଆ ସ୍ଥାପନ ହେବ। କେନ୍ଦ୍ର ସରକାର ଏହି ଆଇନକୁ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ଅନୁକୂଳ କହୁଥିବା ବେଳେ ବିରୋଧୀ ଦଳଗୁଡ଼ିକର ଏହାର କଡ଼ା ବିରୋଧ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଆଇନରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବାକୁ ନେଇ ଆପତ୍ତି ଦର୍ଶାଇଛନ୍ତି। ଏହି ବିଲ୍ ମନରେଗାର ଅଧିକାରୀ ଆଧାରିତ ଭାବନକୁ ଦୁର୍ବଳ କରିବା ସହିକ ସହିତ ଶ୍ରମିକଙ୍କ ଅଧିକାର ସୀମିତ କରିଦେଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ପାକିସ୍ତାନ ଜିତିଲା ଅଣ୍ଡର-୧୯ ଏସିଆ କପ୍

ଦୁବାଇ,(ସ୍ୱ.ପ୍ର): ଏସିସି ପୁରୁଷ ଅଣ୍ଡର-୧୯ ଏସିଆ କପ୍ ଫାଇନାଲ୍‌ରେ ପାକିସ୍ତାନ ଟିମ୍ ରବିବାର ଭାରତକୁ ୧୯୧ ରନ୍‌ରେ ଶୋଚନୀୟ ଭାବେ ହରାଇ ଦ୍ୱିତୀୟ ଥର ଟାଇଟଲ୍ ହାସଲ କରିଛି। ଦୁବାଇର ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ବ୍ଲକ୍ ବ୍ଲଷ୍ଟର୍ ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ଭାରତ ଆଗରେ ୫୦ ଓଭର୍‌ରେ ୩୪୮ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା। ଜବାବରେ ଭାରତୀୟ ଟିମ୍ ମାତ୍ର ୧୫୬ ରନ୍‌ରେ ସୀମିତ ହୋଇଯାଇଛି।

ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଟିମ୍‌ର ଆରମ୍ଭ ବିସ୍ଫୋରକ ଥିଲେ ମଧ୍ୟ କମ୍ ବ୍ୟବଧାନରେ ନିଜର ଶୀର୍ଷ ୪ ୱିକେଟ୍ ହରାଇଥିଲା। କ୍ୟାପଟେନ୍ ଆୟୁଷ ମହାତ୍ରେ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅଲୀ ରଜା ପ୍ୟାଭିଲିୟନ୍ ଫେରାଇଥିଲେ। ଆୟୁଷ ୨ ରନ୍ କରିଥିବା ବେଳେ ବୈଭବ ୩ ଛକା ଓ ଗୋଟିଏ ଚୌକା ସହାୟତାରେ ୧ ବଲ୍‌ରେ ୨୬ ରନ୍‌ର ଯୋଗଦାନ ଦେଇଥିଲେ। ଏରୋନ୍ ଜର୍ଜ୍ଜ (୧୬) ଏବଂ ବିହାନ୍ ମାଲ୍‌ହୋତ୍ରା (୭ ରନ୍) ମଧ୍ୟ ବଡ଼ ସ୍କୋର୍ କରିବାରେ ବିଫଳ ହୋଇଥିଲେ। ବିହାନ୍‌ଙ୍କ ଆଉଟ୍ ବେଳକ ଭାରତର ସ୍କୋର୍ ୫୯/୪ ଥିଲା। ବେଦାନ୍ତ ତ୍ରିବେଦୀ (୯ ରନ୍)ଙ୍କ ଠାରୁ ବଡ଼ ଇନିଂସ୍‌ର ଆଶା ଥିବାବେଳେ ସେ ମହମ୍ମଦ ସୟାମ୍‌ଙ୍କ ଶର୍ଟ ବଲ୍‌ରେ ନିଜ ୱିକେଟ୍ ହରାଇଥିଲେ। ଏହାପରେ ଭାରତୀୟ ଇନିଂସ୍ ତାସ୍‌ଘର ପରି ଭୁଶୁଡ଼ିପଡ଼ିବା ସହିତ ଭାରତ ୨୭ତମ ଓଭର୍‌ରେ ହିଁ ଅଲ୍‌ଆଉଟ୍ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ପାକିସ୍ତାନ ୮ ୱିକେଟ୍‌ରେ ୩୪୭ ରନ୍ କରିଥିଲା। ଫାଷ୍ଟ୍ ବୋଲର୍ ହେନିଲ୍ ପଟେଲ୍ ଚତୁର୍ଥ ଓଭର୍‌ରେ ହମ୍‌ଜା ଜହୁର (୧୮)ଙ୍କୁ ଆଉଟ୍ କରି ପାକିସ୍ତାନକୁ ପ୍ରଥମ ଝଟ୍‌କା ଦେଇଥିଲେ। ଏହାପରେ ସମୀର ମିନ୍‌ହାସ୍ ଓ ଉସ୍‌ମାନ୍ ଖାନ୍ ଦ୍ୱିତୀୟ ୱିକେଟ୍ ପାଇଁ ୯୨ ରନ୍‌ର ପାର୍ଟନରଶିପ୍ କରି ପାକିସ୍ତାନକୁ ସମ୍ଭାଳିଥିଲେ। ଏହି ଅବସରରେ ସମୀର୍ ୧୨ ଚୌକା ଓ ୪ ଛକା ସହାୟତାରେ ଶତକ ପୂରା କରିଥିଲେ। ସମୀରଙ୍କ ଏହା ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ଶତକ। ଅନ୍ୟମାନଙ୍କ ମଧ୍ୟରେ କ୍ୟାପଟେନ୍ ଫରହାନ୍ ୟୁସୁଫ୍ ୧୯ ରନ୍ କରି ଆଉଟ୍ ହୋଇଥିବା ବେଳେ ନିକାବ୍ ଶଫିକ୍ ୧୨ ଏବଂ ମହମ୍ମଦ ସୟାମ୍ ୧୩ ରନ୍ କରି ଅପରାଜିତ ଫେରିଥିଲେ। ଭାରତ ପକ୍ଷରୁ ଦୀପେଶ ଦେବେନ୍ଦ୍ରନ୍ ୩ଟି ୱିକେଟ୍ ନେଇଥିବା ବେଳେ ହେନିଲ୍ ପଟେଲ୍ ଓ ଖିଲାନ୍ ପଟେଲଙ୍କୁ ୨-୨ ସଫଳତା ମିଳିଥିଲା। କନିଷ୍କ ଚୌହାନଙ୍କ ଖାତାରେ ଗୋଟିଏ ୱିକେଟ୍ ପଡ଼ିଥିଲା।

# ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ତେଲ ମନା

ଭୁବନେଶ୍ୱର,(ଜା.ପ୍ର): ଏଣିକି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ୍ ପମ୍ପରେ ମିଳିବନି ପେଟ୍ରୋଲ, ଡିଜେଲ୍। ଗାଡ଼ିରେ ତେଲ ପକାଇବା ପୂର୍ବରୁ ଦେଖାଇବାକୁ ପଡ଼ିବ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି)। ରାଜ୍ୟ ପରିବହନ ପ୍ରାଧିକରଣ ସଂସ୍ଥା ପକ୍ଷରୁ ଏ ସମ୍ପର୍କରେ ତୈଳ କମ୍ପାନୀଗୁଡ଼ିକୁ ଚିଠି ଲେଖି ଅବଗତ କରାଯାଇଛି। ବାୟୁ ଗୁଣବତ୍ତାର ସ୍ଥିତିକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ମୋଟରଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ଏହି ପଦକ୍ଷେପ ଗ୍ରହଣ କରିଛି। ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ଏବଂ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖାଯାଇଛି। ଯେଉଁ ମୋଟର ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ କୌଣସି ପେଟ୍ରୋଲ୍ ପମ୍ପରେ ତେଲ ନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାୟୁ ଗୁଣାବତ୍ତାମାନକୁ ଉନ୍ନତ ରଖାଯିବ ବିଶେଷ କରି ପରିବହନ ଯୋଗୁଁ ହେଉଥିବା ପ୍ରଦୂଷଣକୁ କମ କରାଯାଇପାରିବ ବୋଲି ଆଶା କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ। ଏଥିପାଇଁ ଗାଡ଼ି ଗୁଡିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ସେହିଭଳି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି।

# 'କେବଳ ବିଏସ୍-୪ ଓ ତଦୂର୍ଦ୍ଧ୍ୱ' ଗାଡ଼ିକୁ ଅନୁମତି

ନୂଆଦିଲ୍ଲୀ,(ସ୍ୱ.ପ୍ର): ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ଉପରେ ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ। ଏହିକ୍ରମେ ସୁପ୍ରିମକୋର୍ଟ ନିଜ ପୂର୍ବ ରାୟକୁ ପରିବର୍ତ୍ତନ ବା ସଂଶୋଧନ କରିଛନ୍ତି। ବୁଧବାର ଶୁଣାଣି କାଳରେ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ କେବଳ ବିଏସ୍-୪ ଏବଂ ତଦୂର୍ଦ୍ଧ୍ୱ ବର୍ଗର (ବିଏସ୍-୫, ବିଏସ୍-୬ ଇତ୍ୟାଦି) ଯାନବାହାନଗୁଡ଼ିକୁ ଚଳାଚଳ ଅନୁମତି ମିଳିବ। ଏହାର ଅର୍ଥ ସୁପ୍ରିମକୋର୍ଟ ନିଜର ପୁରୁଣା ରାୟ (୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଯାନ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ)କୁ ଏବେ ସଂଶୋଧନ କରିଛନ୍ତି। ଦିଲ୍ଲୀରେ ଦୀର୍ଘ ସମୟ ଧରି ବାୟୁ ଗୁଣବତ୍ତା ବିପଦ ସଙ୍କେତ (୪୦୦)ରୁ ଊର୍ଦ୍ଧ୍ୱରେ ରହିବା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ସଦ୍ୟ ଜାରି କରିଥିବା ନିର୍ଦ୍ଦେଶନାମାରେ ଦିଲ୍ଲୀରେ ବ୍ୟାପକ ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି କେବଳ ବିଏସ୍ ୪ ବା ତଦୂର୍ଦ୍ଧ୍ୱ ବର୍ଗର ଅନୁପାଳନ କରୁଥିବା ଇଞ୍ଜିନଯୁକ୍ତ ଯାନବାହନଗୁଡ଼ିକୁ କାର୍ଯ୍ୟାନୁଷ୍ଠାନରୁ ମୁକ୍ତ କରାଯିବା ନେଇ ସ୍ପଷ୍ଟ କରାଯାଇଛି। ସୁତରାଂ ଡିସେମ୍ବର ୧୮ରୁ ୧୦ ବର୍ଷ ପୁରୁଣା ଡିଜେଲ ଚାଳିତ ଯାନ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଚାଳିତ ଯାନବାହନ ଉପରେ ଏଣିକି ସ୍ୱତଃପ୍ରବୃତ୍ତ ଭାବେ ପ୍ରତିବନ୍ଧକ ଲାଗୁ ହୋଇଯାଇଛି। ପ୍ରକାଶ, ପୂର୍ବରୁ, ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କ ଏକ ଆବେଦନ ଉପରେ କାର୍ଯ୍ୟ କରି ନିର୍ଦ୍ଦେଶ ଦେଇଥିଲେ ଯେ ୧୦ ବର୍ଷ ପୁରୁଣା ଡିଜେଲ୍ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ୍ ଯାନ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ଏହା ଯାନବାହାନ ମାଲିକ ଏବଂ କାର୍ଯ୍ୟାନ୍ୱୟନ ଏଜେନ୍ସି ଉଭୟଙ୍କ ପାଇଁ ଏକ ଚ୍ୟାଲେଞ୍ଜିଂ ପରିସ୍ଥିତି ଉତ୍ପନ୍ନ କରିଥିଲା।

# ବଢ଼ିଲା ଟ୍ରେନ୍ ଟିକେଟ୍ ଦାମ୍

**ନୂଆଦିଲ୍ଲୀ,(ସ୍ୱ.ପ୍ର):** ଟ୍ରେନ୍ ଯାତ୍ରା କରିବା ଏବେ ମହଙ୍ଗା ହେବ। କାରଣ ରେଳବାଇ ଟ୍ରେନ୍ ଟିକେଟ୍ ଦରରେ ଅଭିବୃଦ୍ଧି କରିଛି। ନୂଆବର୍ଷ ପୂର୍ବରୁ ଭାରତୀୟ ରେଳବାଇ ଭଡ଼ା ବୃଦ୍ଧି କରିବା ନେଇ ଘୋଷଣା କରିଛି। ଏହି ଘୋଷଣା ଅନୁଯାୟୀ ଜେନେରାଲ, ମେଲ୍/ଏକ୍ସପ୍ରେସ୍ ଏବଂ ଏସି କୋଚ୍‌ର ଟିକେଟ ମହଙ୍ଗା ହେବ। ନୂଆ ଦର ଡିସେମ୍ବର ୨୬ ତାରିଖରୁ ଲାଗୁ ହେବ। କିନ୍ତୁ ବର୍ଦ୍ଧିତ ଦର ଦ୍ୱାରା ପାସେଞ୍ଜର ଟ୍ରେନ୍ ଓ ସ୍ୱଳ୍ପ ଦୂରତାରେ ଯାତ୍ରା କରୁଥିବା ଯାତ୍ରୀ ପ୍ରଭାବିତ ହେବେ ନାହିଁ। ନୂଆ ଟିକେଟ୍ ଦର ଅନୁସାରେ ସାଧାରଣ ଶ୍ରେଣୀରେ ୨୧୫ କିଲୋମିଟରରୁ ଅଧିକ ଯାତ୍ରା କ୍ଷେତ୍ରରେ ୧ ପଇସା ଓ ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍‌ରେ ୨ ପଇସା ବଢ଼ିଛି। ତେବେ ୨୧୫ କିଲୋମିଟରରୁ କମ୍ ଦୂରତା ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଦର ବଢ଼ି ନାହିଁ। ଯେଉଁ ଯାତ୍ରୀ ୫୦୦ କିଲୋମିଟରରୁ ଅଧିକ ଯାତ୍ରା କରିବେ ତାଙ୍କୁ ବର୍ଦ୍ଧିତ ଭଡ଼ା ଦେବାକୁ ପଡ଼ିବ। ନନ୍-ଏସିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଅତିରିକ୍ତ ୧୦ ଟଙ୍କା ଦେବାକୁ ପଡ଼ିବ। ତଥାପି ଆଶ୍ୱସ୍ତି ପାଇଁ ରେଳବାଇ ସ୍ପଷ୍ଟ କରିଛି ଯେ ଲୋକାଲ ଟ୍ରେନ୍ ଏବଂ ମାସିକ ସିଜନ୍ ଟିକେଟ୍ (ଏମଏସଟି)ର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ।

CMYK

ଜାତୀୟ ଚେତନା
JATIYA CHETANA



## ଭାରତ-ଓମାନ୍ ୪ ମୁକ୍ତ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ

# ମୋଦୀଙ୍କୁ ଓମାନ୍‌ର ସର୍ବୋଚ୍ଚ ନାଗରିକ ସମ୍ମାନ



ନୂଆଦିଲ୍ଲୀ, ମସ୍କାଟ୍,(ସ୍ୱ.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ନିଜ ୩ ରାଷ୍ଟ୍ରୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜୋର୍ଡାନ୍ ଏବଂ ଇଥିଓପିଆ ଗସ୍ତ ଶେଷ କରିବା ପରେ ମୋଦୀ ସମ୍ପ୍ରତି ଓମାନ୍ ଗସ୍ତ କରିଥିଲେ। ଓମାନ୍ ଗସ୍ତ ଅବସରରେ ମୋଦୀ, ଓମାନ୍‌ର ସୁଲତାନ୍ ହାଇଥାମ୍ ବିନ୍ ତାରିକ୍‌ଙ୍କୁ ସାକ୍ଷାତ କରିଛନ୍ତି ଏବଂ ଉଭୟ ନେତାଙ୍କ ଦ୍ୱିପାକ୍ଷିକ ଆଲୋଚନାକ୍ରମେ ଭାରତ ଏବଂ ଓମାନ ମଧ୍ୟରେ ଏକ ବହୁବିଧ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଓମାନର ବାଣିଜ୍ୟ ଚାମ୍ବର ଏବଂ ଭାରତର ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ମଧ୍ୟରେ ବାଣିଜ୍ୟ ସହଯୋଗକୁ ଅନ୍ତର୍ଭୁକ୍ତ କରି ଏହି ୪ ମୁକ୍ତ ବାଣିଜ୍ୟିକ ଚୁକ୍ତି (ଏଫ୍‌ଟିଏ) ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ରାଜନାମା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି। ଏହି ରାଜିନାମା ମଧ୍ୟରେ ବ୍ୟାପକ ଆର୍ଥିକ ସହଭାଗୀତାର ଚୁକ୍ତିନାମା, ସାମୁଦ୍ରିକ ଐତିହ୍ୟ ଏବଂ ସଂଗ୍ରହାଳୟ କ୍ଷେତ୍ରରେ ବୁଝାମଣା, କୃଷି ଏବଂ ସହଯୋଗୀ କ୍ଷେତ୍ରରେ ସହମତି, ଉଚ୍ଚଶିକ୍ଷା ତଥା ଉନ୍ନତ ଗବେଷଣା, ବାଜରା ଚାଷ ଏବଂ କୃଷିଜାତ ସାମଗ୍ରୀର ନବସୃଜନରେ ସହଯୋଗ ପାଇଁ କାର୍ଯ୍ୟନିର୍ବାହୀ କାର୍ଯ୍ୟକ୍ରମ ଗ୍ରହଣ, ସାମୁଦ୍ରିକ ସହଯୋଗ ଉପରେ ମିଳିତ ଦୃଷ୍ଟିକୋଣକୁ ଆଦାନ ପ୍ରଦାନ ଭଳି ଅନେକ ପ୍ରସଙ୍ଗ ସାମିଲ ରହିଛି। ଏହି ଚୁକ୍ତିନାମା ଭାରତର ବୟନଶିଳ୍ପ, ପାଦୁକା, ଅଟୋମୋବାଇଲ୍, ରତ୍ନ ଏବଂ ଅଳଙ୍କାର, ନବୀକରଣୀୟ ଶକ୍ତି ଏବଂ ଅଟୋ ଉପାଦାନ ଭଳି କ୍ଷେତ୍ରଗୁଡ଼ିକୁ ସିଧାସଳଖ ଲାଭ ପହଞ୍ଚାଇବ। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତିନାମା ଉପରେ ଗତ ନଭେମ୍ବର ୨୦୨୩ରେ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ହୋଇଥିଲା। ଚୁକ୍ତିନାମା ସ୍ୱାକ୍ଷର ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଏବଂ ଓମାନ ମଧ୍ୟରେ ବ୍ୟାପକ ଆର୍ଥିକ ସହଭାଗୀତା ଚୁକ୍ତିନାମା ଆଗାମୀ ଦଶନ୍ଧି ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କର ଗତିପଥକୁ ଆକାର ଦେବ। ସେହିପରି ରାଜଧାନୀ ମସ୍କାଟ୍‌ରେ ଭାରତ-ଓମାନ୍ ବାଣିଜ୍ୟ ସମ୍ମିଳନୀକୁ ସମ୍ବୋଧିତ କରି, ମୋଦୀ ଦୁଇ ଦେଶ ମଧ୍ୟରେ ଦୃଢ଼ ସମ୍ପର୍କକୁ ପ୍ରଶଂସା କରିଛନ୍ତି। ସେ ଷ୍ଟାର୍ଟଅପ୍ କମ୍ପାନୀଗୁଡ଼ିକୁ ଭାରତରେ ନିବେଶ କରିବାକୁ, ନବସୃଜନ କରିବାକୁ ଏବଂ ଭାରତ ଏବଂ ଓମାନ ସହିତ ମିଳିତ ଭାବରେ ବୃଦ୍ଧି କରିବାକୁ ମଧ୍ୟ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ଆମେ ଏକ ଐତିହାସିକ ନିଷ୍ପତ୍ତି ନେଉଛୁ, ଯାହାର ପ୍ରତିଫଳନ ଆଗାମୀ ଦଶନ୍ଧି ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହେବ। ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମା ଆମକୁ ୨୧ ଶତାବ୍ଦୀରେ ନୂତନ ଆତ୍ମବିଶ୍ୱାସ ଏବଂ ନୂତନ ଶକ୍ତି ଦେବ। ଏହା ଆମର ବାଣିଜ୍ୟକୁ ବୃଦ୍ଧି କରିବ, ନିବେଶକୁ ନୂତନ ଆତ୍ମବିଶ୍ୱାସ ଦେବ ଏବଂ ପ୍ରତ୍ୟେକ କ୍ଷେତ୍ରରେ ନୂତନ ସୁଯୋଗ ପାଇଁ ଦ୍ୱାର ଖୋଲିବ। ମୋଦୀ ଏଠାରେ ଭାରତୀୟ ପ୍ରବାସୀଙ୍କୁ ମଧ୍ୟ ସମ୍ବୋଧିତ କରିଛନ୍ତି। ପ୍ରବାସୀଙ୍କୁ ଭାରତ ଏବଂ ଓମାନ ମଧ୍ୟରେ ସମ୍ପର୍କର ସେତୁ ଭାବେ ବର୍ଣ୍ଣନା କରିବା ସହ ପ୍ରଶଂସା କରିଛନ୍ତି ମୋଦୀ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦୀ ଇଥିଓପିଆ ଗସ୍ତ ଶେଷ କରି ଓମାନ ଅଭିମୁଖେ ବାହାରିଯାଇଥିଲେ। ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ସେ ଓମାନ୍ ରାଜଧାନୀ ମସ୍କାଟରେ ଅବତରଣ କରିଥିଲେ। ଓମାନର ପ୍ରତିରକ୍ଷା ବ୍ୟାପାର ଉପ-ପ୍ରଧାନମନ୍ତ୍ରୀ ସୟଦ ଶିହାବ ବିନ୍ ତାରିକ ଅଲ୍ ସୟଦ ବିମାନବନ୍ଦରରେ ଉପସ୍ଥିତ ରହି ମୋଦୀଙ୍କୁ ସ୍ୱାଗତ କରିଥିଲେ। ପରେ ଉଭୟ ନେତା କିଛି ସମୟ ଆନୁଷ୍ଠାନିକ ଆଲୋଚନା କରିଥିଲେ। ସାମ୍ପ୍ରତିକ ବର୍ଷଗୁଡ଼ିକରେ ପ୍ରଧାନମନ୍ତ୍ରୀ ୟୁଏଇ, କତାର, କୁଏତ, ସାଉଦି ଆରବ, ଜୋର୍ଡାନ ଏବଂ ଓମାନ ସମେତ ଏହି କ୍ଷେତ୍ରର ଅନେକ ଦେଶ ଗସ୍ତ କରିଛନ୍ତି। ଅନ୍ୟପକ୍ଷରେ ଓମାନ୍ ସୁଲତାନ ହାଇଥାମ୍ ବିନ୍ ତାରିକ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭାରତ-ଓମାନ ସମ୍ପର୍କ ଏବଂ ତାଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପ୍ରତି ତାଙ୍କର ଅସାଧାରଣ ଅବଦାନ ପାଇଁ 'ଅର୍ଡର ଅଫ୍ ଓମାନ' ପୁରସ୍କାର ପ୍ରଦାନ କରିଛନ୍ତି। ଏହାକୁ ଓମାନ୍‌ର ସର୍ବୋଚ୍ଚ ନାଗରିକ ସମ୍ମାନ ଭାବେ ବିବେଚନା କରାଯାଏ। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମାନକୁ ଦୁଇ ଦେଶ ମଧ୍ୟରେ ପୁରୁଣା ବନ୍ଧୁତାକୁ ଉତ୍ସର୍ଗ କରିଛନ୍ତି ଏବଂ ଏହାକୁ ଭାରତର ୧.୪ ବିଲିୟନ ଲୋକ ଏବଂ ଓମାନ ଲୋକଙ୍କ ମଧ୍ୟରେ ଉଷ୍ମତା ଏବଂ ସ୍ନେହ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି। ୧୯୭୦ରେ ତତ୍କାଳୀନ ସୁଲତାନ କାବୁସ୍ ବିନ୍ ସୈଦଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ଅର୍ଡର୍ ଅଫ୍ ଓମାନ୍' ଜନସାଧାରଣଙ୍କ ଜୀବନ ଏବଂ ଦ୍ୱିପାକ୍ଷିକ ସମ୍ପର୍କରେ ଅବଦାନ ପାଇଁ କିଛି ସ୍ୱତନ୍ତ୍ର ତଥା ମନୋନୀତ ବିଶ୍ୱ ନେତାମାନଙ୍କୁ ପ୍ରଦାନ କରାଯାଇଥାଏ। ଏହିକ୍ରମେ 'ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଓମାନ୍'ର ଏହି ସର୍ବୋଚ୍ଚ ସମ୍ମାନ ହାସଲକାରୀଙ୍କ ମଧ୍ୟରେ ସ୍ଥାନିତ ହୋଇଛନ୍ତି। ତେବେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ବ୍ୟକ୍ତିଗତ ଭାବେ ୨୯ତମ ବିଦେଶୀ ସମ୍ମାନ ହୋଇଥିବାବେଳେ କେବଳ ୨୦୨୫ରେ ମୋଦୀଙ୍କୁ ୯ଟି ରାଷ୍ଟ୍ର ନିଜ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି।

# ବିତର୍କ-ବିରୋଧ-ବିକ୍ଷୋଭ ଭିତରେ ସରିଲା ସଂସଦର ଶୀତ ଅଧିବେଶନ

ନୂଆଦିଲ୍ଲୀ,(ସ୍ୱ.ପ୍ର): ବିତର୍କ-ବିରୋଧ-ବିକ୍ଷୋଭ ଭିତରେ ସରିଲା ସଂସଦର ଶୀତ ଅଧିବେଶନ। ଭିବି-ଜି ରାମ୍ ଜି ବିଲକୁ ନେଇ ହଙ୍ଗାମା ଭିତରେ ଲୋକସଭା ଓ ରାଜ୍ୟସଭା ସାଇନ-ଏ-ଡାଏ ଘୋଷଣା ହୋଇଛି। ଡିସେମ୍ବର ପହିଲାରୁ ଆରମ୍ଭ ହୋଇଥିଲା ସଂସଦର ଶୀତ ଅଧିବେଶନରେ ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ଘୋଷଣା ହୋଇଛି। ସବୁଠାରୁ ବଡ଼ କଥା ହେଲା ଯେ ଶେଷ କାର୍ଯ୍ୟଦିବସରେ ମଧ୍ୟ ଉଭୟ ଗୃହରେ ବିରୋଧୀ ସାଂସଦଙ୍କ ହୋହଲ୍ଲା, ପାଟିତୁଣ୍ଡ, ବିରୋଧାଭାସ ତଥା ହଟ୍ଟଗୋଳ ଜାରି ରହିଥିଲା। ଏହାରି ମଧ୍ୟରେ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଅଧ୍ୟକ୍ଷ ଅନିର୍ଦ୍ଦିଷ୍ଟ କାଳ ଯାଏ ଉଭୟ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା। ଏହା ମଧ୍ୟରେ କେତେକ ଦିନକୁ ବାଦ୍ ଦେଲେ ବାକି କାର୍ଯ୍ୟଦିବସଗୁଡ଼ିକ ମଧ୍ୟ ବିରୋଧୀଙ୍କ ହଙ୍ଗାମା କାରଣରୁ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ତେବେ ଅଧିବେଶନ ଆରମ୍ଭ ହେବା ପୂର୍ବରୁ କେନ୍ଦ୍ର ସରକାର ୧୪ଟି ବିଲ୍ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ କେବଳ ୧୨ଟି ବିଲ୍ ଉପସ୍ଥାପନ କରାଯାଇଥିଲା। ଯେତେବେଳେ କି ସରକାର ନିଜ ସଂଖ୍ୟା ଗରିଷ୍ଠତାର ପ୍ରଭାବରେ ଉଭୟ ଗୃହରେ ୮ ବିଲ୍ ପାରିତ କରାଇନେଇଛି। ସେହିପରି ୨ଟି ବିଲ୍ କମିଟି ନିକଟକୁ ପଠାଯାଇଛି। ସଂସଦର ଶୀତକାଳୀନ ଅଧିବେଶନରେ ପାରିତ ହୋଇଥିବା ୮ ବିଲ୍‌ଗୁଡ଼ିକ ହେଲା ରୋଜଗାର ଗ୍ୟାରେଣ୍ଟି (ଗ୍ରାମୀଣ) ବିଲ୍ - 'ଭିବି ଜି ରାମ୍ ଜି', ଶାନ୍ତି ବିଲ୍ (ପରମାଣୁ ଉର୍ଜ୍ଜା), ବୀମା ନିୟମ ସଂଶୋଧନ ବିଲ୍-୨୦୨୫, ପୁରୁଣା ଆଇନ୍‌କୁ ଶେଷ କରିବା ପାଇଁ ବିଲ୍, ମଣିପୁର ଜିଏସ୍‌ଟି (ଦ୍ୱିତୀୟ ସଂଶୋଧନ) ବିଲ୍-୨୦୨୫, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଶୋଧନ ବିଲ୍-୨୦୨୫, ସ୍ୱାସ୍ଥ୍ୟ ସୁରକ୍ଷାରୁ ରାଷ୍ଟ୍ରୀୟ ସୁରକ୍ଷା ଉପକରଣ ବିଲ୍-୨୦୨୫ ଓ ଅନୁପୂରକ ଅନୁଦାନ ଦାବି (୨୦୨୫-୨୬) ବିଲ୍। ମୋଟାମୋଟି ସଂସଦର ଶୀତକାଳୀନ ଅଧିବେଶନ ବିତର୍କ ଏବଂ ପ୍ରତିବାଦରେ ଶେଷ ହୋଇଥିବା କୁହାଯାଉଥିଲେ ମଧ୍ୟ ସଦ୍ୟ ସମାପ୍ତ ଅଧିବେଶନରେ ରାଜ୍ୟସଭାରେ କାର୍ଯ୍ୟକାରିତା ହାର ୧୨୧% ଏବଂ ଲୋକସଭାର ୧୧୧% ରହିଥିବା ଜଣାପଡ଼ିଛି। ରାଜ୍ୟସଭାର ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ତାଙ୍କ ସମାପନା ଭାଷଣରେ କହିଛନ୍ତି ଯେ ଅଧିବେଶନ ସମୟରେ ମିଳିଥିବା ଶୂନ୍ୟ ଘଣ୍ଟା ନୋଟିସ (ସଦନରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବା ପାଇଁ ଅନୁମତି ନେବାର ଏକ ପଦ୍ଧତି) ସଂଖ୍ୟା ଏପର୍ଯ୍ୟନ୍ତ ସର୍ବାଧିକ। ପ୍ରତିଦିନ ହାରାହାରି ୮୪ଟି ନୋଟିସ୍ ପ୍ରାପ୍ତ ହୋଇଥିଲା, ଯାହା ପୂର୍ବ ଅଧିବେଶନ ତୁଳନାରେ ୩୧% ବୃଦ୍ଧି ପାଇଛି। ଗତକାଲିଠୁ ମନରେଗା ଯୋଜନାର ନାମ ବଦଳାଇ 'ଭିବି-ଜି ରାମ୍ ଜି' ପରିବର୍ତ୍ତନକୁ ବିରୋଧୀ ସାଂସଦ ବିରୋଧ କରି ଆସୁଛନ୍ତି। ଏପରିକି ବିଲ୍ ବିରୋଧରେ ବିରୋଧୀ ସାଂସଦମାନେ ରାତିସାରା ଗୃହ ବାହାରେ ୧୨ ଘଣ୍ଟା ଧରି ଧାରଣା ଦେଇଥିଲେ। "ମନରେଗା" ଗ୍ରାମୀଣ ନିଯୁକ୍ତି ଯୋଜନରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ଅଭିଯୋଗ ଆଣି ପ୍ରତିବାଦ କରିଥିଲେ ବିରୋଧୀ ସଦସ୍ୟ। ବିରୋଧୀ କହିଥିଲେ ଯେ ସେମାନେ ଘଟଣାକୁ ନେଇ ଦେଶବ୍ୟାପୀ ରାସ୍ତାକୁ ଓହ୍ଲାଇବେ। ଆଜି ଶେଷଦିନର ଗୃହକାର୍ଯ୍ୟ ଆରମ୍ଭ ହେବାର କିଛି ସମୟ ପରେ, ବିରୋଧୀ ହଙ୍ଗାମା ଆରମ୍ଭ କରିଦେଇଥିଲେ ଯେଉଁଥିପାଇଁ ଲୋକସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଥିଲା। ସେହିପରି ରାଜ୍ୟସଭାରେ ସଦସ୍ୟ ମାନେ କାଗଜପତ୍ର ରଖି କାର୍ଯ୍ୟ ଆରମ୍ଭ କରିବା ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଥିଲା। ଅନ୍ୟପକ୍ଷରେ ସଂସଦର ଶୀତକାଳୀନ ଅଧିବେଶନ ଶେଷ ହେବା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଶାସକ ଓ ବିରୋଧୀ ଦଳର ତମାମ ସାଂସଦମାନଙ୍କୁ ଏକାଠି ଗୋଟିଏ ସ୍ଥାନରେ ବସି ଚା ପିଉଥିବା ଏକ ଭିନ୍ନ ରାଜନୈତିକ ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ଏହି ସମୟରେ ସାଂସଦମାନଙ୍କ ମଧ୍ୟରେ କେବଳ ଅନୌପଚାରିକ ଆଲୋଚନା ହୋଇଥିବା କୁହାଯାଉଛି। ବାଚସ୍ପତି ଓମ୍ ବିର୍ଲା ସଂସଦ ଭବନରେ ଥିବା ତାଙ୍କ ଚାମ୍ବରରେ ଏହି ଟି-ପାର୍ଟି ଆୟୋଜନ କରାଯାଇଥିଲା। ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ, କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ, ଲଲ୍ଲନ ସିଂହ, କିରଣ ରିଜିଜୁ, ଅର୍ଜୁନ ରାମ ମେଘୱାଲ, ଏନ୍‌ସିପି (ସପା) ସାଂସଦ ସୁପ୍ରିୟା ସୁଲେ, ସମାଜବାଦୀ ପାର୍ଟି ସାଂସଦ ରାଜୀବ ରାୟ, ଧର୍ମେନ୍ଦ୍ର ଯାଦବ ଏବଂ ଡିଏମକେ ସାଂସଦ ଏ ରାଜାଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ। ସଂସଦୀୟ ଅଧିବେଶନ ସମାପ୍ତ ହେବା ପରେ ପ୍ରଧାନମନ୍ତ୍ରୀ ଶାସକ ଦଳ ଏବଂ ବିରୋଧୀ ଦଳ ଉଭୟଙ୍କୁ ନିମନ୍ତ୍ରଣ କରି ଏକ ଚା ପାର୍ଟି ଆୟୋଜନ କରିବାର ପରମ୍ପରା ରହିଛି। ଏହାକୁ ସଂସଦୀୟ ଗଣତନ୍ତ୍ରରେ ଆଲୋଚନା ଏବଂ ସମନ୍ୱୟର ପ୍ରତୀକ ଭାବରେ ବିବେଚନା କରାଯାଏ।

# ଉତ୍କଟ ବାୟୁ ପ୍ରଦୂଷଣ ସହ ଜୁଝୁଛି ଦିଲ୍ଲୀ

ନୂଆଦିଲ୍ଲୀ,(ସ୍ୱ.ପ୍ର): ଜାତୀୟ ରାଜଧାନୀ ଦିଲ୍ଲୀ ଏବେ ଉତ୍କଟ ବାୟୁ ପ୍ରଦୂଷଣ ସହ ଜୁଝୁଥିବା ବେଳେ ଦିଲ୍ଲୀବାସୀଙ୍କ ଜୀବନ ବିତସ୍ପୃହ ହୋଇପଡ଼ିଛି। ସବୁ ପ୍ରକାର ଚେଷ୍ଟା ଜାରି ରହିଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସିନାହିଁ। ଏହାରି ମଧ୍ୟରେ ଚୀନ୍ ପକ୍ଷରୁ ଭାରତକୁ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବା ଦିଗରେ କେତେକ ପ୍ରମୁଖ ପରାମର୍ଶ ଦିଆଯାଇଛି, ଯାହାକୁ ବେଜିଂ ମଡେଲ୍ ବୋଲି କୁହାଯାଉଛି। ବାସ୍ତବରେ ବହୁ ବର୍ଷ ପୂର୍ବରୁ ବେଜିଂ ମଧ୍ୟ ଏପ୍ରକାର ଭୟଙ୍କର ବାୟୁ ପ୍ରଦୂଷଣଜନିତ ଭୟାବହତାର ସମ୍ମୁଖୀନ ହୋଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ଚୀନ୍‌ର ବେଜିଂ ସହରକୁ ବିଶ୍ୱର ସବୁଠୁ ବିଷାକ୍ତ ତଥା ପ୍ରଦୂଷିତ ସହର ବା ବିଶ୍ୱର ପ୍ରଦୂଷିତ ରାଜଧାନୀ' ଭାବେ କୁଖ୍ୟାତି ଲାଭ କରିଥିଲା। କିନ୍ତୁ ସମୟକ୍ରମେ ଚୀନ୍ ସରକାର ଏହାକୁ ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇଛନ୍ତି।

ରିପୋର୍ଟ ଅନୁସାରେ ନୂଆଦିଲ୍ଲୀ ସ୍ଥିତ ଚୀନ୍ ଦୂତାବାସ ପକ୍ଷରୁ ଭାରତକୁ ଦିଲ୍ଲୀ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଆଯାଇଛି। ଏସବୁ ପରାମର୍ଶ ମଧ୍ୟରେ ୧. ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ, ୨. ଶିଳ୍ପ ସଂରଚନାରେ ପରିବର୍ତ୍ତନ ଏବଂ ୩. ଆଞ୍ଚଳିକ ସମନ୍ୱୟ ଭଳି ପ୍ରସଙ୍ଗ ସାମିଲ ରହିଛି। ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ଅନ୍ତର୍ଗତ ଚୀନ୍ ୟୁରୋ-୬ ମାନକ ସହ ସମାନ 'ଅଲଟ୍ରା-ଷ୍ଟ୍ରିକ୍ଟ' ନିୟମ ଲାଗୁ କରିବା ସହ ପୁରୁଣା ଗାଡ଼ିଗୁଡ଼ିକୁ ସମ୍ପୂର୍ଣ୍ଣ ବ୍ୟାନ କରିଛି। ସେହିପରି ଡ୍ରାଇଭିଂ କଟକଣା ଅନ୍ତର୍ଗତ ଲାଇସେନ୍ସ ପ୍ଲେଟ୍ ଲଟେରୀ, ଅଡ୍-ଇଭେନ୍ ନିୟମ ଏବଂ କାର୍ କିଣିବା ଉପରେ କଟକଣା ଲଗାଯାଇଛି। ଏତଦ୍‌ବ୍ୟତୀତ ବୈଦ୍ୟୁତିକ ପରିବହନ ପ୍ରକ୍ରିୟା ଲାଗୁ ଅନ୍ତର୍ଗତ ମେଟ୍ରୋ ଏବଂ ବସ୍ ନେଟୱାର୍କରେ ବିପୁଳ ପୁଞ୍ଜି ବିନିଯୋଗ ସହ ଇଲେକ୍ଟ୍ରିକ୍ ଗାଡ଼ିର ବହୁଳ ବ୍ୟବହାର କରାଯାଇଛି। ଶିଳ୍ପ ସଂରଚନାରେ ପରିବର୍ତ୍ତନ ଆଧାରରେ ବେଜିଂ ପାଖାପାଖି ୩,୦୦୦ରୁ ଅଧିକ ଭାରି ଶିଳ୍ପକୁ ସହର ବାହାରକୁ ସ୍ଥାନାନ୍ତର କରିଛି। କେବଳ ଚୀନ୍‌ର ବୃହତ ଇସ୍ପାତ କମ୍ପାନୀ 'ଶୌଗାଙ୍ଗ'ର ସ୍ଥାନାନ୍ତର ଦ୍ୱାରା ପ୍ରଦୂଷଣକାରୀ କଣିକା ୨୦% ହ୍ରାସ ପାଇଥିଲା। ପୁରୁଣା କାରଖାନା ଅଞ୍ଚଳକୁ ପାର୍କ, ବାଣିଜ୍ୟିକ କେନ୍ଦ୍ର ଏବଂ ସାଂସ୍କୃତିକ ହବ୍‌ରେ ପରିଣତ କରାଯାଇଛି। ଆଞ୍ଚଳିକ ସମନ୍ୱୟ ଅନ୍ତର୍ଗତ ବେଜିଂ-ତିଆଞ୍ଜିନ୍-ହେବେଇ ଅଞ୍ଚଳ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରଦୂଷଣ ରୋକାଯାଇଛି। ଏହିକ୍ରମେ ଚୀନ୍ ଦୂତାବାସର ମୁଖପାତ୍ର ୟୁ ଜିଙ୍ଗ୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ତୁଳନାତ୍ମକ ଚିତ୍ର ସେୟାର କରିଛନ୍ତି। ଏଥିରେ ଦର୍ଶାଯାଇଥିବା ଗତ ଡିସେମ୍ବର ୧୫ ତାରିଖର ତଥ୍ୟ ଅନୁଯାୟୀ, ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୪୭ (ଅତି ଗମ୍ଭୀର) ଥିବାବେଳେ ବେଜିଂରେ ଏହା ମାତ୍ର ୬୭ ଥିଲା। ଏହାର ଅର୍ଥ ବେଜିଂ ମାତ୍ର ଗୋଟିଏ ଦଶନ୍ଧି ମଧ୍ୟରେ ନିଜ ବାୟୁ ମାନରେ ଏକ ସ୍ଥିର ଉନ୍ନତି ଆଣିପାରିଛି।

ଜାତୀୟ ଚେତନା
JATIYA CHETANA



# ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେସନ




ଢେଙ୍କାନାଳ,(ଜା.ପ୍ର): ସ୍ଥାନୀୟ ବିଦ୍ୟୁତ୍ ସଂଘ କାର୍ଯ୍ୟାଳୟରେ ମଳୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଓଡିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେସନ ଓ ଡିଭିଜନ ସ୍ତରୀୟ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୁଳ ଡିଭିଜନ ସଂପାଦକ ସୁରେନ୍ଦ୍ର କୁମାର ଦାସ ଓ ତାଳଚେର ଡିଭିଜନ ସଂପାଦକ ବିକାଶ ଚରଣ ସାହୁ ଉପସ୍ଥିତ ରହିଥିବାବେଳେ ଢେଙ୍କାନାଳ ଡିଭିଜନର ସଂପାଦକ ମୃତ୍ୟୁଞ୍ଜୟ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ସଭାରେ ସଂଘର ସୁବିଧା ଓ ଅସୁବିଧା ବିଷୟରେ ବିଷଦ ଭାବେ ଆଲୋଚନା ହୋଇଥିଲା ଏବଂ ବିଭିନ୍ନ ଅଭିଯୋଗର ସମାଧାନ କରିବା ବିଷୟରେ ଆଲୋଚନା ହୋଇଥିଲା। ପରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଡିଭିଜନ ସଂପାଦକ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ, ସହ ସଂପାଦକ ଭାବେ ଶଶଧର ବେହେରା ଓ ଉପେନ୍ଦ୍ର ମହାନ୍ତି, ମିଡିଆ ସେଲ୍ ସଂପାଦକ ଭାବେ ବସନ୍ତ କୁମାର ରଣା, ଆସିଷ୍ଟାଟ୍ ସାଙ୍ଗଠନିକ ସଂପାଦକ ଭାବେ ବିଜୟ ବାରିକ୍ ଓ ପ୍ରମୋଦ ସାହୁ, ଡିଭିଜନ ସାଂଗଠନିକ ସଂପାଦକ ଭାବେ ସୁଜିତ୍ ଶତପଥୀ, କୋଷାଧ୍ୟକ୍ଷ ଭାବେ ବିକାଶ କୁମାର ସାହୁଙ୍କୁ ଚୟନ କରାଯାଇଥିଲା ।

# କୋରାପୁଟ ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୫୪୫ କୋଟିର ପ୍ରକଳ୍ପ ଭେଟି

ଭୁବନେଶ୍ୱର,(ଜା.ପ୍ର): ୧୯୯୬ ମସିହାରୁ କୋରାପୁଟର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରି ରଖିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ପରବ ତାର ସଫଳ ପ୍ରୟାସ ଜାରି ରଖିଛି। ସାମାଜିକ ଓ ସାଂସ୍କୃତିକ ଚେତନାକୁ ଜାଗ୍ରତ କରିବା ସହିତ ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି ଏହି ମହୋତ୍ସବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ସ୍ତରୀୟ ଆଦିବାସୀ ମହୋତ୍ସବ ପରବ-୨୦୨୫ ର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇ କହିଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲା ପାଇଁ ୫୪୫ କୋଟି ଟଙ୍କା ମୂଲ୍ୟର ୮୬ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏଥିରେ ୨୪ କୋଟି ଟଙ୍କା ମୂଲ୍ୟର ୧୬ ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୫୨୧ କୋଟି ଟଙ୍କା ମୂଲ୍ୟର ୭୦ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ସବୁ ପ୍ରକଳ୍ପ ମଧ୍ୟରେ ଜଳସେଚନ, ସ୍ୱାସ୍ଥ୍ୟସେବା କେନ୍ଦ୍ର, କ୍ଷୁଦ୍ର ଶିଳ୍ପ, ଅର୍ବାନ ହଷ୍ଟେଲ, ବ୍ରିଜ, ରୋଡ଼, ମିଶନ ଶକ୍ତି ଭବନ, ବନ ସୁରକ୍ଷା ସମିତି ବିଲ୍ଡିଂ, ଅତିରିକ୍ତ ଶ୍ରେଣୀ ଗୃହ ଆଦି ଅନେକ ପ୍ରକଳ୍ପ ରହିଛି। ଏହି ସବୁ ପ୍ରକଳ୍ପ ଗୁଡିକ କୋରାପୁଟର ବିକାଶକୁ ଆଗେଇ ନେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମଞ୍ଚରେ ଆୟୋଜିତ ଏହି ୫ ଦିନିଆ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପ୍ରଥମେ ସହିଦ୍ ଲକ୍ଷ୍ମଣ ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର। କୋରାପୁଟ ଜିଲ୍ଲା ପ୍ରକୃତିର ଅନନ୍ୟ ବରଦାନ ଭାବେ ସାରା ବିଶ୍ୱରେ ପରିଚିତ। କୋରାପୁଟ ମାଟି ସମାଜରେ ଶାନ୍ତି, ସରଳତା ଓ ଭଲପାଇବାର ମହକ ବାଣ୍ଟିଥାଏ। କୋରାପୁଟ ମାଟିର ଉତ୍ପାଦିତ କଫି, କଳା ଜୀରା ଧାନ ଏବଂ କୋଟପାଡ଼ର ଶାଢୀ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶ ବିଦେଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସେ କହିଥିଲେ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ କୋରାପୁଟର ଆଦିବାସୀ ସଂସ୍କୃତି ଅତି ସମୃଦ୍ଧ। ଜିଲ୍ଲାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣି ଆଗେଇନେବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଆଦିବାସୀ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ କାର୍ଯ୍ୟରତ ଅଛନ୍ତି। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଆମ ସଂସ୍କୃତି, ଆମ ପରମ୍ପରା ଏବଂ ଆମ ଐତିହ୍ୟକୁ ନେଇ ଆମେ ସବୁବେଳେ ଗର୍ବ କରିଥାଉ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ ବିଧାୟକ ରୁପୁ ଭତ୍ରା, ଏବଂ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପ୍ରମୁଖ ପରବ ମହୋତ୍ସବ ପାଇଁ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ ଧନ୍ୟବାଦ୍ ଦେଇଥିଲେ।

# ୧୩୫୮ ସେଣ୍ଟର, ୭ ସବ୍ ସେଣ୍ଟରରେ ହେବ ଯୁକ୍ତ ଦୁଇ ପରୀକ୍ଷା

ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ୨୦୨୬ ଫେବୃଆରୀ ୧୮ ତାରିଖରୁ ଯୁକ୍ତଦୁଇ ପରୀକ୍ଷା ଆରମ୍ଭ ହେବ। ଏହା ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଚାଲିବ। ତେବେ ଚଳିତବର୍ଷ ରାଜ୍ୟରେ ମୋଟ୍ ୧୩୫୮ଟି ସେଣ୍ଟର ସମେତ ୭ଟି ସବ୍ ସେଣ୍ଟରରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ୪ ଲକ୍ଷ ହଜାରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ପ୍ରାକ୍ଟିକାଲ୍ ପରୀକ୍ଷା ଜାନୁଆରୀ ୨ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଶ୍ନପତ୍ରର ସୁରକ୍ଷା ଲାଗି ମୋଟ୍ ୨୧୦ଟି ହବ୍ କେନ୍ଦ୍ରର ବ୍ୟବସ୍ଥା ହୋଇଥିବା ବେଳେ ଚଳିତବର୍ଷ ରାଜ୍ୟରେ ୧୫୦ଟି କଲେଜ ବୃଦ୍ଧି ହୋଇଥିବାରୁ ହବ୍ ସଂଖ୍ୟା ମଧ୍ୟ ବଢ଼ିବାର ସମ୍ଭାବନା ରହିଥିବା ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଇଛନ୍ତି। ଏହାବ୍ୟତୀତ ପ୍ରଥମ ଥର ଲାଗି ପ୍ରାକ୍ଟିକାଲ ପରୀକ୍ଷାରେ ୱେବ୍‌କାଷ୍ଟ ବ୍ୟବସ୍ଥା ହେବ। ସେହିପରି ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ଣ ୨ଟାରେ ଶେଷ ହେବ। ଚଳିତ ବର୍ଷ କଳା।୨,୫୬,୦୪୩ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ବିଜ୍ଞାନରେ ୧,୧୪,୨୩୮ ଜଣ, ବାଣିଜ୍ୟରେ ୨୪,୫୩୩ ଜଣ ଏବଂ ଧନ୍ଦାମୂଳକ ବିଷୟରେ ୫,୯୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ପ୍ରଥମ ଥର ପାଇଁ ପ୍ରାକ୍ଟିକାଲ ପରୀକ୍ଷାର ସମସ୍ତ ମୂଲ୍ୟାୟନ ପ୍ରକ୍ରିୟା ୱେବକାଷ୍ଟ ଏବଂ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ହେବ। ସେହିପରି ୬୦୦ଟି ପରୀକ୍ଷାକେନ୍ଦ୍ରର ମଧ୍ୟ ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥା କରାଯିବ। ତେବେ ପରୀକ୍ଷାରେ କପି ରୋକିବା ଲାଗି ଚଳିତବର୍ଷ ମଧ୍ୟ ପ୍ରଥମ ଥର ଲାଗି ପଞ୍ଚସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯିବ। ଯେଉଁଥିରେ ନିଜ କଲେଜର ଜଣେ ଇଣ୍ଟରନାଲ ସ୍କ୍ୱାଡ ସମେତ ପାଖ କଲେଜର ଜଣେ ଅବଜରଭର ସ୍କ୍ୱାଡ, ଜିଲ୍ଲା ପ୍ରଶାସନ ତରଫରୁ ଜଣେ ସ୍କ୍ୱାଡ, ଜୋନ ସ୍ତରର ଜଣେ ସ୍କ୍ୱାଡ ଏବଂ ଭୁବନେଶ୍ୱର +୨ ପରିଷଦରୁ ଜଣେ ସ୍କ୍ୱାଡ ନିୟୋଜିତ ହେବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ଶେଷ ହେବା ପରେ ମାର୍ଚ୍ଚ ୨୮ରୁ ଖାତାଦେଖା ବା ମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ସମସ୍ତ ବିଷୟଗୁଡିକ ଅନ୍‌ଲାଇନ୍ ବ୍ୟବସ୍ଥାରେ ମୂଲ୍ୟାଙ୍କନ କରାଯିବ। ଅଫ୍‌ଲାଇନ୍ ବ୍ୟବସ୍ଥା ଉଠାଯାଇଥିବାରୁ ଚଳିତବର୍ଷ ଖାତାଦେଖା ଖୁବଶୀଘ୍ର ଶେଷ ହେବାର ସମ୍ଭାବନା ରହିଛି। ସେହିପରି ଇ-ମୂଲ୍ୟାଙ୍କନ ଲାଗି ପ୍ରତିଷ୍ଠିତ ଆଇଟି କମ୍ପାନୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ। ସେଥିଲାଗି ଟେଣ୍ଡର ମଧ୍ୟ ଡକାଯାଇଛି। ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାକୁ ଏବଂ ପରୀକ୍ଷା ଆରମ୍ଭ ହେବାର ୧୫ ମିନିଟ୍ ପୂର୍ବରୁ ପରୀକ୍ଷା ହଲରେ ପ୍ରବେଶ କରି ସେମାନଙ୍କୁ ଦିଆଯାଇଥିବା ସିଟ୍ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସିସିଟିଭି ନଜରରେ ପରୀକ୍ଷା କରାଯିବ।

## ରାଜଧାନୀ ସଂଗ୍ରାମୀ ସେବା ସଂଘର ନବମ ପ୍ରତିଷ୍ଠା ଦିବସ

# 'ସ୍ମାର୍ଟ ଓଡ଼ିଶା'ର ସମ୍ପାଦକ କିଶୋର ନନ୍ଦ ଜେନାଙ୍କୁ ଭୁବନେଶ୍ୱର ଗୌରବ ସମ୍ମାନ




ଭୁବନେଶ୍ୱର,(ଜା.ପ୍ର): ରାଜଧାନୀ ସଂଗ୍ରାମୀ ସେବା ସଂଘର ନବମ ପ୍ରତିଷ୍ଠା ଦିବସ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାଜର ଅସହାୟ କର୍କଟ ପୀଡିତଙ୍କ ଉଦ୍ଦେଶ୍ୟରେ ବାପୁଓଝାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସମାଜମଙ୍ଗଳ ହୁଣ୍ଡି ଭାଙ୍ଗି ସେଥିରୁ ଆଦାୟ ମୋଟ ୩୫ ହଜାର ୨୦ ଟଙ୍କା ଅର୍ଥରାଶି ଭୁବନେଶ୍ୱର କଳ୍ପନା ଅଞ୍ଚଳର ନ ବର୍ଷର କର୍କଟ ପିଡ଼ିତା ସ୍ୱାଲେହା ଆଞ୍ଜୁମଙ୍କୁ ପ୍ରଦାନ କରାଯାଇଛି । ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତିର ଲୋକସମ୍ପର୍କ ଅଧିକାରୀ ଡ଼ଃ ଉମାକାନ୍ତ ମହାପାତ୍ର ଯୋଗ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ, କର୍ପୋରେଟର ଅମରେଶ ଜେନା, ମହିଳା ଉଦ୍ୟୋଗୀ ସୃଷ୍ଟି ସୋମେନ, ସମାଜସେବୀ ବନ୍ଦନା ହରିଚନ୍ଦନ, ମୀରା ପରିଡା, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ପ୍ରମୁଖ ଯୋଗଦେଇଥିଲେ । ସଂଗଠନର ବିବରଣୀ ପାଠ କରିଥିଲେ ସଂଘ ସଭାପତି ଧୀରେନ ଶଙ୍କର ଦାସ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଘ ପ୍ରତିଷ୍ଠାତା ବାପୁଓଝା, ଧନ୍ୟବାଦ ଅର୍ପଣ କରିଥିଲେ ସଂଘ ଉପସଭାପତି ଡେଜି ଶତପଥୀ । ତନ୍ମୟ ସାମନ୍ତରାୟ, ସତ୍ୟବ୍ରତ ଜେନା, ଦେବବ୍ରତ ମେର୍କାପ, ପ୍ରାଚୁର୍ଯ୍ୟା ଦାସ, ପ୍ରତାପ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କିଶୋର ନନ୍ଦ ଜେନାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଭୁବନେଶ୍ୱର ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।

# ସହିଦନଗର ଗଣଦୁଷ୍କର୍ମ ମାମଲା ହେଲା ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ

ଭୁବନେଶ୍ୱର,(ଜା.ପ୍ର): ରାଜଧାନୀର ସହିଦନଗର ଗଣଦୁଷ୍କର୍ମ ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ତଦନ୍ତ କରାଯିବ। ଏହି କେସ୍‌ରେ କମିଶନରେଟ୍ ପୁଲିସକୁ କ୍ରାଇମବ୍ରାଞ୍ଚ ସହଯୋଗ କରିବ। ଚାକିରି ଦେବାକୁ କହି ଜଣେ ଆଶାୟୀ ନାବାଳିକାକୁ ଦୁଇ ଅଭିଯୁକ୍ତ ଭଡ଼ା ଘରକୁ ଡାକିଥିଲେ। ସେଠାରେ ଉଭୟ ଗଣଦୁଷ୍କର୍ମ କରିଥିଲେ। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପୁଲିସ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଖୋର୍ଦ୍ଧା କେରଙ୍ଗ ଅଞ୍ଚଳର ଅକ୍ଷୟ ଦାସ(୨୮) ଓ ମୁକୁନ୍ଦପ୍ରସାଦ ଅଞ୍ଚଳର ସାହିଲ୍ ଖାଁ(୨୬)। ପୂର୍ବରୁ ଧଉଳି ଗଣଦୁଷ୍କର୍ମ ମାମଲାକୁ ରେଡ୍ ଫ୍ଲାଗ୍ ଘୋଷଣା କରିଥିଲେ ସରକାର। ପୁଲିସ ସୂଚନା ଅନୁଯାୟୀ,ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ ଅଭିଯୁକ୍ତ ଅକ୍ଷୟ ଦାସଙ୍କୁ ସେ ପୂର୍ବରୁ ଜାଣିଥିଲେ। କୌଣସି ସଂସ୍ଥାରେ ଚାକିରିଟିଏ କରାଇଦେବାକୁ ପୀଡ଼ିତା ଅଭିଯୁକ୍ତ ଅକ୍ଷୟକୁ କହିଥିଲେ। ପୀଡ଼ିତାଙ୍କ ଅନୁରୋଧ ରକ୍ଷା କରି ଅଭିଯୁକ୍ତ ଅକ୍ଷୟ ପ୍ରତିଶ୍ରୁତି ଦେଇଥିଲେ ଏବଂ ଯେତେବେଳେ ଡକାଇବେ, ତୁରନ୍ତ ଭୁବନେଶ୍ୱର ଆସିବାକୁ ପଡ଼ିବ ବୋଲି କହିଥିଲେ। ୧୮ ତାରିଖ ଦିନ ଅକ୍ଷୟ ପୀଡ଼ିତାଙ୍କୁ ଡକାଇଥିଲା। ତାଙ୍କୁ ଏକ ସଂସ୍ଥାରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ଚାକିରି କରାଇବା ବାହାନାରେ ଅକ୍ଷୟ ତାଙ୍କୁ ସହିଦନଗରସ୍ଥିତ ତା'ର ଭଡ଼ାଘରକୁ ଡକାଇଥିଲା। ଚାକିରି ପାଇବା ଆଶାରେ ପୀଡ଼ିତା ଅକ୍ଷୟକୁ ବିଶ୍ୱାସ କରି ସହିଦନଗରସ୍ଥିତ ଭଡ଼ାଘର ଠିକଣାରେ ପହଞ୍ଚିଥିଲେ। କିନ୍ତୁ ଚାକିରି ପାଇବେ କ'ଣ ପୀଡ଼ିତା ଗଣଦୁଷ୍କର୍ମର ଶିକାର ହେଲେ। ଅଭିଯୁକ୍ତଦ୍ୱୟ ଜୋର୍ ଜବରଦସ୍ତ ତାଙ୍କୁ ଦୁଷ୍କର୍ମ କରିଥିଲେ। ପୀଡ଼ିତା ସହିଦନଗର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୁଲିସ ୨ଟି ଟିମ୍ ଗଠନ କରି ଅଭିଯୁକ୍ତମାନଙ୍କ ପିଛା କରିଥିଲା। ପୀଡ଼ିତା ଖସିଯିବା ପରେ ଅଭିଯୁକ୍ତମାନେ ଭଡ଼ାଘର ଛାଡ଼ି ଅନ୍ୟତ୍ର ଆତ୍ମଗୋପନ କରିଥିଲେ। କିନ୍ତୁ ପୁଲିସ ଟିମ୍ ସେମାନଙ୍କୁ ଖୋର୍ଦ୍ଧାରୁ ଉଠାଇବାରେ ସକ୍ଷମ ହୋଇଥିଲା।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ଜମି ମାଲିକାନା କୃଷକ ହାତକୁ ଯାଉ

କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ, କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦିଆଯିବ। କିନ୍ତୁ ଅସଲ କଥା ହେଉଛି, ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟଗୁଡ଼ିକ ସହିତ ସମକକ୍ଷ ନ ହେଉନାହିଁ। ଏହାର କାରଣ ରାଜ୍ୟର ୮୫ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। କୃଷି ବିକାଶ ନିମନ୍ତେ ଅଧିକ ଜମିକୁ ଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ଓ କୀଟନାଶକ ବ୍ୟବହାର ପାଇଁ ନାମକୁ ମାତ୍ର ଚାଷୀଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟ ସୂତ୍ରରୁ ହେଉ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ।

ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ, ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳକୁ ବାଦ୍ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହୋଇଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁମାତ୍ର ଚାଷୀଙ୍କ ହାତରେ ଅର୍ଥ ନାହିଁ, ଯଦ୍ଦ୍ୱାରା ସେମାନେ ଅଧିକ ଉତ୍ପାଦନ ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି, ସେମାନଙ୍କ ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି, ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ।

ମୂଳକଥା ହେଉଛି, କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ କାହିଁକି। ମୂଳ ପ୍ରସଙ୍ଗ ହେଉଛି, ଭାଗଚାଷୀଙ୍କ ସଂଖ୍ୟା ବଢୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନ ଥିବାରୁ ଜମିରୁ ଅଧିକ ଫସଲ ଉତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବ ନାହିଁ। ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉପତ୍ାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ; ତେବେ ଚାଷୀକୁ ତା' ସମସ୍ୟା ପାଇଁ ଦୋଷ ଦେଇ ହେବନାହିଁ। କାରଣ ତା' ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି, ସେ ବିଷୟରେ ସମାଧାନର ଶକ୍ତି ତା' ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା, ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା' ହାତରେ ଯଦି କିଛି ପାଣ୍ଠି ନରହେ, ତେବେ କୃଷି ସହିତ ଆନୁଷଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ। ଅନେକ ବର୍ଷ ପରେ ରାଜ୍ୟରେ ନବଗଠିତ ଡବଲ ଇଞ୍ଜିନ ସରକାର କୃଷିକ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଭାଗଚାଷୀମାନଙ୍କ ସ୍ୱାର୍ଥକୁ ଜଗିବେ ସରକାର। ଆଣିବେ ନୂଆ ଆଇନ। ଜମି ନ ଥାଇ ମଧ୍ୟ ସେମାନେ ଋଣ ପାଇପାରିବେ। ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକପ୍ରବଣ ରାଜ୍ୟରେ ବିପର୍ଯ୍ୟୟରେ ଫସଲହାନି ହେଲେ ଇନପୁଟ ସବ୍ ?ସିଡି ସହ ବୀମାରାଶି ମଧ୍ୟ ପାଇବାକୁ ହକ୍‌ଦାର ହେବେ। ଏଥିପାଇଁ ସରକାର ନୀତି ଆୟୋଗ ଢାଞ୍ଚାରେ ନୂଆ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡ଼ି ଚିଠା ବିଲ୍ ପ୍ରସ୍ତୁତ କରିଛନ୍ତି। ଏ ଚିଠା ପ୍ରାଥମିକ ପର୍ଯ୍ୟାୟରେ ଅଛି। ଖୁବ୍‌ଶୀଘ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏହା ସହ ଏହି ଯୋଜନାକୁ ସଫଳ କରିବା ପାଇଁ ସରକାର ରାଜ୍ୟର ଚାଷୀ ଓ ଭାଗଚାଷୀଙ୍କ ମତାମତ ଲୋଡ଼ିଲେ। ଜମି ମାଲିକଙ୍କ ମତ ଲୋଡ଼ିବା ପରେ ସରକାର ଏ ନେଇ ଆଗେଇବା ପାଇଁ ଯାଉଛନ୍ତି। ସୂଚନାଯୋଗ୍ୟ, ଭାଗଚାଷୀମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଆଇନରେ ସେଭଳି କିଛି ବ୍ୟବସ୍ଥା ନଥିଲା। ପ୍ରାକୃତିକ ବିପର୍ଯ୍ୟୟ ପରେ ରାଜସ୍ୱ ବିଭାଗ ଇନ୍‌ପୁଟ ସବ୍‌ସିଡି ଆକାରରେ ସହାୟତା ଦେଇଥାଏ। ମାତ୍ର ଭାଗଚାଷୀଙ୍କ ପାଇଁ କିଛି ଆଇନ ନ ଥିବାରୁ ଏହାର ଲାଭ ଜମି ମାଲିକମାନେ ପାଇଥାଆନ୍ତି। ରାଜ୍ୟ ସରକାରଙ୍କ ୨୦୧୫-୧୬ କୃଷି ଗଣନା ଦର୍ଶାଉଛି, ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୯୫ ହଜାର ୧୮୪ ଭାଗଚାଷୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ବେସରକାରୀ କୃଷକ ସଂଗଠନଙ୍କ ଦାବି ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ୧୫ ଲକ୍ଷ ଡେଇଁଯିବ ବୋଲି ମତ ରଖୁଛନ୍ତି। ଭାଗଚାଷୀଙ୍କୁ ଋଣ ଯୋଗାଇବାକୁ ସରକାର 'ବଳରାମ' ଯୋଜନା ଆଣିଥିଲେ। ମାତ୍ର ଏ ଯୋଜନାର ସୁଫଳ ଭାଗଚାଷୀଙ୍କୁ ବିଶେଷ ମିଳୁନି। ଭାଗଚାଷୀମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି ଏହି ଋଣ ପାଇଁ ଆବେଦନ କରୁଛନ୍ତି। ଏଥିରେ ଯାହା ଋଣ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ଗୋଟିଏ ଗୋଷ୍ଠୀ ସର୍ବାଧିକ ୨ଲକ୍ଷ ଟଙ୍କା ଋଣ ପାଇବାର ନିୟମ ରହିଛି। ଜାତୀୟକରଣ କିମ୍ବା ଘରୋଇ ବ୍ୟାଙ୍କଗୁଡ଼ିକ 'ବଳରାମ'ରେ ଋଣ ଦେବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିଛନ୍ତି। ନୂଆ ସରକାର 'ସମୃଦ୍ଧ କୃଷକ ଯୋଜନା'ରେ ୬ ହଜାର କୋଟି ଖର୍ଚ୍ଚ କରିବାକୁ ପାଣ୍ଠି ବରାଦ କରିଛନ୍ତି। ଏହି ଯୋଜନା ଅନୁଯାୟୀ ୩୮ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଫସଲ ଋଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ବ୍ୟାଙ୍କ ଋଣ ସହ ଧାନ ବିକ୍ରି କରିବାକୁ ମଧ୍ୟ ପଞ୍ଜୀକରଣ ବେଳେ ଭାଗ ଚାଷୀଙ୍କୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ସେଲ ଗଠନ କରିଛନ୍ତି।

# ପ୍ରକୃତି ଉପାସକ ଆଦିବାସୀ

ଦେବଦତ୍ତ ପଟ୍ଟନାୟକ



ପ୍ରାଚୀନ ଯୁଗରୁ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସ୍ୱାଧୀନ ଭାବେ ଜୀବନଯାପନ କରି ଆସୁଛନ୍ତି। ସେମାନଙ୍କୁ ଜଙ୍ଗଲୀ ଓ ଆଦିମ କୁହାଯାଇ ଗାଁ, ରାଜ୍ୟ,ସାମ୍ରାଜ୍ୟରୁ ଦୂରେଇ ରଖାଯାଇଛି। ଫଳରେ ସେମାନେ ଜଙ୍ଗଲରେ ରହନ୍ତି ଓ ଖାଦ୍ୟ ପାଇଁ ଶିକାର କରିଥାନ୍ତି। କୃଷି ଓ ପଶୁପାଳନ ବି କରନ୍ତି। ବହୁ ସମୟରେ ଜଙ୍ଗଲଜାତ ଜିନିଷ ସଂଗ୍ରହକରି ବଜାରରେ ବିକ୍ରିକରନ୍ତି। ଅନେକ ସମୟରେ ଜଙ୍ଗଲରେ ବାଣିଜ୍ୟ ପଥ ନିର୍ମାଣ କରୁଥିବା ରାଜାଙ୍କୁ ଆଦିବାସୀମାନେ ପ୍ରତିରୋଧ କରୁଥିଲେ। ଉଦାହରଣ ସ୍ୱରୂପ, ଭୀଲ୍‌ମାନେ ମୋଗଲ ସେନାକୁ ପରାସ୍ତ କରିଥିଲେ ଏବଂ ବିର୍ସା ମୁଣ୍ଡା ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହ କରିଥିଲେ। ସେମାନେ ନିଜକୁ ସ୍ୱାଧୀନ ମନେକରୁଥିବାରୁ ରାଜାଙ୍କ ଅଧୀନରେ ଥିବା ଆଦିବାସୀମାନେ ଟିକସ ଦେବାକୁ ମନାକରିବା ସହ ବିଭିନ୍ନ ଗୋଷ୍ଠୀ ସହିତ ବାଣିଜ୍ୟରେ ଲିପ୍ତ ରହୁଥିଲେ। ସେମାନଙ୍କୁ ବନବାସୀ, ଅଟବିକ (ଜଙ୍ଗଲୀ ଲୋକ) ଓ ଗିରିଜନ ଏବଂ କେତେକ ନିର୍ଦ୍ଦିଷ୍ଟ ଆଦିବାସୀଙ୍କୁ ନିଷାଧ କିମ୍ବା କିରାତ ଭାବେ ବିବେଚନା କରାଯାଏ। ମହାଭାରତରେ ଏକଲବ୍ୟ ଥିଲେ ଜଣେ ନିଷାଧ ଏବଂ ତାଙ୍କୁ ବିରୋଧ କରାଯାଇଛି। ଶିବ ମଧ୍ୟ କିରାତ ବେଶରେ ଅର୍ଜୁନଙ୍କ ସହ ଯୁଦ୍ଧ କରିଛନ୍ତି। ରାମାୟଣ ଅନୁଯାୟୀ, ବାନର ଏବଂ ଅସୁରମାନେ ଥିଲେ ଜଙ୍ଗଲୀ ଓ ପାହାଡ଼ୀ ମଣିଷ। କୃଷ୍ଣଙ୍କ ସ୍ତ୍ରୀ ଥିଲେ ଭାଲୁର ଝିଅ ଜାମ୍ବବତୀ। ତେବେ ଆଦିବାସୀଙ୍କ ପାଇଁ ଏହିସବୁ କାହାଣୀ ସମ୍ପୂର୍ଣ୍ଣ କାଳ୍ପନିକ ଏବଂ ସେମାନେ ଯଜ୍ଞ ତଥା ରୀତିନୀତି ଆଧାରିତ ଆର୍ଯ୍ୟଙ୍କ ଜୀବନଶୈଳୀକୁ ଗ୍ରହଣ କରି ନ ଥିଲା। ଭାଗବତରେ କୁହାଯାଇଛି, ଯେତେବେଳେ ରାଜା ବେଣଙ୍କୁ ହତ୍ୟା କରାଯିବାବେଳେ ତାଙ୍କ ଶରୀରରୁ ନିଷାଧ ଓ ପୃଥୁ ସୃଷ୍ଟି ହୋଇଥିଲେ। ନିଷାଧ ଜଙ୍ଗଲରେ ରହିବାକୁ ଏବଂ ପୃଥୁ ଚାଷ କରିବାକୁ ପସନ୍ଦ କରିଥିଲେ।

ଭାରତରେ ବିଭିନ୍ନ ଅଞ୍ଚଳରେ ପ୍ରାୟ ୭୦୦ ସମ୍ପ୍ରଦାୟର ଆଦିବାସୀ ରହୁଛନ୍ତି। ଆରାବଳି, ନୀଳଗିରି, ହିମାଚଳ, ଉତ୍ତରାଞ୍ଚଳ, ପୂର୍ବାଞ୍ଚଳ ପର୍ବତ ତଥା ତରାଇ ଜଙ୍ଗଲ ଏବଂ କେନ୍ଦ୍ର ଭାରତର ସମତଳ ଅଞ୍ଚଳରେ ଏମାନେ ଦେଖିବାକୁ ମିଳନ୍ତି। ଏମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପାଖାପାଖି ୧୦ ପ୍ରତିଶତ। ବଞ୍ଜାରା ଆଦିବାସୀ ଯାଯାବର ଗୋଷ୍ଠୀର। ଭୀଲ ଓ ଗୋଣ୍ଡ ବିନ୍ଧ୍ୟର ସବୁଆଡ଼େ ଅଛନ୍ତି। ହିମାଚଳ ପର୍ବତାଞ୍ଚଳରେ ରହନ୍ତି କିନ୍ନାଉରମାନେ। ଉତ୍ତର ଭାରତରେ ଖାସି ଓ ଗାରୋ ଆଦିବାସୀ ଅଛନ୍ତି। ବିଭିନ୍ନ ଗୋଷ୍ଠୀର ନାଗା ଆଦିବାସୀ କାନ ଫୋଡ଼ନ୍ତି ଓ ସ୍ୱଳ୍ପ ବସ୍ତ୍ର ପିନ୍ଧନ୍ତି। ଯାଯାବର ଗୋଷ୍ଠୀର ଅନେକ ଆଦିବାସୀ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସେମାନଙ୍କ ମଧ୍ୟରୁ ପାଖାପାଖି ୧୦ ପ୍ରତିଶତଙ୍କ ଜୀବନଜୀବିକା ଓ ସଂସ୍କୃତି ପ୍ରତି ବିପଦ ଦେଖାଯାଇଛି। ସେମାନଙ୍କ ଠାରେ ଆଫ୍ରିକାରୁ ଆସିଥିବା ଆଦିମାନବଙ୍କ ଜିନ୍ ଅଛି ବୋଲି ଆନୁବଂଶିକ ପରୀକ୍ଷଣରୁ ସ୍ପଷ୍ଟ ହୋଇଛି। କେବଳ ଭାରତରେ ଦକ୍ଷିଣରେ ରହୁଥିବା ଆଦିବାସୀଙ୍କଠାରେ ହରପ୍ପା ସଭ୍ୟତାର ଲୋକଙ୍କ ଜିନ୍ ଦେଖିବାକୁ ମିଳେ। ଉତ୍ତରରେ ରହୁଥିବା ଆଦିବାସୀଙ୍କଠାରେ ଆର୍ଯ୍ୟଙ୍କ ଜିନ୍ ଏବଂ କେନ୍ଦ୍ର ଏସିଆର ଆଦିବାସୀଙ୍କଠାରେ ଦକ୍ଷିଣ-ପୂର୍ବ ଏସିଆ ଲୋକଙ୍କ ଜିନ୍ ଥିବା ଜଣାପଡ଼ିଛି। ଏହା ବ୍ୟତୀତ ଉତ୍ତର-ପୂର୍ବରେ ଥିବା ଆଦିବାସୀଙ୍କଠାରେ ତିବ୍ବତ-ବର୍ମିଜ୍ ଜିନ୍ ମିଳେ।

ଆଦିବାସୀଙ୍କ ଅସ୍ତିତ୍ୱର ଛାପ ବିଭିନ୍ନ ଭୀମ୍‌ବେଟକା ଗୁମ୍ଫାର କାନ୍ଥ ଚିତ୍ର ଓ ଭାରତର ପଶ୍ଚିମ ଉପକୂଳରେ ଥିବା ପ୍ରସ୍ତର କଳାରୁ ମିଳିଥାଏ, ଯାହା ୧୨,୦୦୦ ବର୍ଷ ପୂର୍ବର। ୪୫୦୦ ବର୍ଷ ପୂର୍ବର ହରପ୍ପା ସଭ୍ୟତାର ମୋହରରେ ପୁରୁଷ ଓ ମହିଳାମାନେ ମୁଣ୍ଡରେ ଜଙ୍ଗଲୀ ପଶୁଙ୍କ ଶିଙ୍ଗ ବାନ୍ଧିଥିବା ଦେଖିବାକୁ ମିଳେ। କେନ୍ଦ୍ର ଭାରତର ମାରିଆ ଆଦିବାସୀମାନେ ମଧ୍ୟ ଏହିଭଳି ଶିଙ୍ଗ ପିନ୍ଧିଥାନ୍ତି। ୩୫୦୦ ବର୍ଷ ପୁରୁଣା ଋଗ୍‌ବେଦରେ ମୁଣ୍ଡା ଜନଜାତିଙ୍କ ବିଷୟରେ ଉଲ୍ଲେଖ ରହିଛି, ଯାହା ପ୍ରାରମ୍ଭିକ ପ୍ରତିରୋଧକୁ ସୂଚିତକରେ। ବିଶେଷଜ୍ଞଙ୍କ ମତରେ, ଆଦିବସୀଙ୍କ ନିଜସ୍ୱ ପୁରାଣ ଓ ରାଶି ନକ୍ଷତ୍ର ଅଛି। ଏହା ଦର୍ଶାଏ ଯେ, ସେମାନେ ମୁଖ୍ୟଧାରାର ଭାରତୀୟଙ୍କ ତୁଳନାରେ ଏକ ଭିନ୍ନ ଜୀବନ ବଞ୍ଚନ୍ତି। ଉଦାହରଣ ସ୍ୱରୂପ, ହିନ୍ଦୁମାନେ କୃତ୍ତିକା ନକ୍ଷତ୍ର ମଣ୍ଡଳକୁ ଦେବୀଙ୍କ ଗୋଷ୍ଠୀ ଭାବେ ବିଚାର କରୁଥିବାବେଳେ ବଞ୍ଜାରାମାନେ ଏହାକୁ ରତ୍ନଗୁଚ୍ଛ ମନେକରନ୍ତି। ନିକୋବରୀମାନେ ଏହାକୁ ପୂର୍ବପୁରୁଷ ଏବଂ ଗୋଣ୍ଡମାନେ ପକ୍ଷୀଦଳଙ୍କୁ ପଥର ଫିଙ୍ଗାଯାଉଥିବା ଦୃଶ୍ୟ ମନେକରନ୍ତି।

ଭାରତରେ ଅନେକ ମନ୍ଦିର ଅଛି ଯାହା ସ୍ୱାଧୀନଚେତା ଆଦିବାସୀ ଓ ମନ୍ଦିର ପ୍ରତିଷ୍ଠା କରିଥିବା ରାଜାମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରକାଶକରେ। ଓଡ଼ିଶାର ଜଗନ୍ନାଥ ମନ୍ଦିରର ସମ୍ପର୍କ ପ୍ରକୃତ ନୀଳମାଧବ ମୂର୍ତ୍ତି ପୂଜା କରୁଥିବା ଆଦିବାସୀଙ୍କ ସହ ରହିଛି। ଆନ୍ଧ୍ରପ୍ରଦେଶର ନରସିଂହାଙ୍କୁ ଚେଞ୍ଚୁ ଆଦିବାସୀ ଝିଅ ବିବାହ କରିଛନ୍ତି। ତାମିଲନାଡୁର ମୁରୁଗାନଙ୍କ ବଧୂମାନଙ୍କ ମଧ୍ୟରେ ଜଣେ ଆଦିବାସୀ ଝିଅ ଭାଲି ଅଛନ୍ତି।

ଆଦିବାସୀମାନେ ଅଲଗା ହୋଇ ରହିଥିବାରୁ ସେମାନେ ସେମାନଙ୍କ ବିଶ୍ୱାସ ଓ ପରମ୍ପରାଗୁଡ଼ିକୁ ଧରି ରଖିପାରିଛନ୍ତି। ଏହା ବିବାହ ପରମ୍ପରାରେ ଜଣାପଡ଼େ। ବଣ୍ଡା ମହିଳାମାନେ କମ୍ ବୟସର ଯୁବକଙ୍କୁ ବିବାହ କରନ୍ତି, ଯିଏକି ବୃଦ୍ଧାବସ୍ଥାରେ ମହିଳାଙ୍କ ଯତ୍ନ ନେଇପାରିବ। ନୀଳଗିରିର ତୋଡା ଏବଂ ହିମାଚଳର କିନ୍ନାଉର ପରମ୍ପରାରେ ଜଣେ ମହିଳା ଏକାଧିକ ପୁରୁଷଙ୍କୁ ବିବାହକରନ୍ତି। ସମ୍ପତ୍ତି ଭାଗ ନ ହେବା ପାଇଁ ସେମାନେ ଏଭଳି କରିଥାନ୍ତି। କେନ୍ଦ୍ର ଭାରତର ଭିଲମାନେ କନ୍ୟା ପାଇଁ ବରକୁ ମୂଲ୍ୟ ଦେବାକୁ ହୋଇଥାଏ। ବାଇଗା ସମ୍ପ୍ରଦାୟର ପରମ୍ପରାରେ ରହିଛି ଯେ, କନ୍ୟାର ମୂଲ୍ୟ ନ ଦେବା ଯାଏ ତାଙ୍କ ଘରେ ବର ବା ଜ୍ୱାଇଁ ରହିବେ। ମେଘାଳୟର ଗାରୋ ଆଦିବାସୀ ବରଙ୍କୁ ଅପହରଣ କରିନେବା ସମୟରେ ଯଦି ସେ ଖସି ଦୌଡ଼ି ପଳାଏ ତେବେ ତାଙ୍କୁ ଝିଅକୁ ବିବାହ କରିବା ଲାଗି ଅନୁମତି ମିଳେ। ପୁରୁଷ ଓ ମହିଳାମାନେ କାହାକୁ ନ ଜଣାଇ ଗୁପ୍ତରେ ବିବାହ କରିବାକୁ ଗୋଣ୍ଡମାନେ ଉତ୍ସାହିତ କରନ୍ତି। କେନ୍ଦ୍ର ଭାରତର ଆଦିବାସୀମାନେ ପ୍ରଥମେ ଲୁହା ଯନ୍ତ୍ରପାତି ତିଆରି କରିଥିଲେ। ରାଜସ୍ଥାନର ଆଦିବାସୀମାନେ ରୁପା ଓ ତମ୍ବା ଗହଣା ତିଆରିରେ ଦକ୍ଷ। ବଞ୍ଜାରା ସାମଗ୍ରୀ ପରିବହନ କରୁଥିଲେ। ମହାଭାରତରେ ଉଲ୍ଲେଖ ଥିବା ଓ୍ୱର୍ଲି ଏବଂ କେନ୍ଦ୍ର ଭାରତର ଗୋଣ୍ଡମାନେ ଚିତ୍ରକଳାରେ ସିଦ୍ଧହସ୍ତ। ଗୁଜରାଟର ଡାଙ୍ଗ୍‌ମାନେ ବାଉଁଶ ଜିନିଷ ତିଆରି କରିବାରେ ପାରଙ୍ଗମ ଏବଂ ନାଗାମାନେ ଟାଟୁରେ ନିପୁଣ। ଉତ୍ତର-ପୂର୍ବାଞ୍ଚଳ ଆଦିବାସୀମାନେ ସୂତା, ଉଲ୍ ଓ ସିଲ୍କରେ ପୋଷାକ ବୁଣନ୍ତି। ଦେଖିବାକୁ ଗଲେ ସବୁ ଗୋଷ୍ଠୀର ଆଦିବାସୀ ଜଙ୍ଗଲ ସଂରକ୍ଷଣ ଏବଂ ଜୈବ ବିବିଧତାର ସୁରକ୍ଷା କରିଥାନ୍ତି।

ଆଦିବାସୀମାନଙ୍କ ଭାଷା ମଧ୍ୟ ଭିନ୍ନ। ସେମାନଙ୍କୁ ସେମାନଙ୍କ ମୂଳ ଭାଷାରେ ପଢ଼ାଯିବା ଦରକାର। କିନ୍ତୁ ହିନ୍ଦୀ ଓ ଇଂଲିଶରେ ପଢ଼ାଯାଉଥିବା ସ୍କୁଲଗୁଡ଼ିକରେ ସେମାନଙ୍କୁ ପଢ଼ାଯାଉଛି। ଏଣୁ ସେମାନେ ଆଧୁନିକତାର ମୁଖ୍ୟ ଧାରାକୁ ଗ୍ରହଣ କରିନେଉଛନ୍ତି ଏବଂ ସେମାନଙ୍କ ପାରମ୍ପରିକ ସଂସ୍କୃତିଠାରୁ ଧୀରେ ଧୀରେ ଦୂରେଇଯାଉଛନ୍ତି। ଅନେକେ ଖ୍ରୀଷ୍ଟ କିମ୍ବା ଇସ୍‌ଲାମ ଧର୍ମ ଗ୍ରହଣ କରୁଛନ୍ତି। ଆଦିବାସୀ ଦେବଦେବୀଙ୍କୁ ପୂଜା କରିବାରୁ ଦୂରେଇଯାଉଛନ୍ତି। ଅନେକେ ଦାବି କରନ୍ତି ଆଦିବାସୀମାନେ ସନାତନ ଧର୍ମର। ଅନେକେ ମଧ୍ୟ ଏହି ଯୁକ୍ତିକୁ ଗ୍ରହଣ କରନ୍ତି ନାହିଁ। ସେମାନଙ୍କ ମତରେ ଆଦିବାସୀଙ୍କର ନିଜସ୍ୱ ଦେବତା, ରୀତିନୀତି ଓ ପରମ୍ପରା ଅଛି। ସେମାନେ ବିଭିନ୍ନ ପ୍ରକାର ମାଛ, ମାଂସ, କୀଟ ଖାଇଥାନ୍ତି, ଯାହାକୁ ଅନେକ ଜାତିର ହିନ୍ଦୁ ଗ୍ରହଣ କରନ୍ତି ନାହିଁ। ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଅନେକେ ଯୁକ୍ତି କରନ୍ତି,ଆଦିବାସୀଙ୍କ ଧର୍ମ ବନ ଉପବନ ଓ ପବିତ୍ର ଜଳାଶୟ ଆଦି ପ୍ରକୃତି ଉପାସନା ଉପରେ ଆଧାରିତ। ସେମାନଙ୍କ ଅସ୍ତିତ୍ୱକୁ ନିଶ୍ଚିତ କରିବା ସକାଶେ ଏହାକୁ ଏକ ଭିନ୍ନ ଧର୍ମ ଭାବେ ଦେଖିବା ଉଚିତ। ମନେରଖିବାକୁ ହେବ ଯେ, ଆଦିବାସୀମାନେ ଯଦି ସେମାନଙ୍କ ରୀତିନୀତି, ବିବାହ ଏବଂ ଖାଦ୍ୟାଭ୍ୟାସଠାରୁ ଦୂରେଇଯିବେ, ତେବେ ସେମାନଙ୍କ ସଂସ୍କୃତିର ବିଲୋପହେବା ଥୟ।

ଜାତୀୟ ଚେତନା
JATIYA CHETANA



# ଭୁବନେଶ୍ୱରରେ ହେବ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର୍, କେନ୍ଦ୍ର ଦେବ ୯୩.୦୯ କୋଟି

ଭୁବନେଶ୍ୱର,(ଜା.ପ୍ର): ସଂଶୋଧିତ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ଇନଫୋଭ୍ୟାଲି ଠାରେ ଏକ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ନିର୍ମାଣକୁ ମଞ୍ଜୁରି ମିଳିଛି। ଆଜି ରାଜ୍ୟସଭାରେ ଏହି ସୂଚନା ଦେଇ କହିଛନ୍ତି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ। ସେ କହିଛନ୍ତି, ଏହି ପ୍ରକଳ୍ପରେ ୨୦୦.୭୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୩.୩୭ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପରେ କେନ୍ଦ୍ର ସରକାର ୯୩.୦୯ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇଦେବେ। ଏହି ପ୍ରକଳ୍ପରେ ୧୫୩୦ କୋଟି ଟଙ୍କାର ନିବେଶ ସହିତ ୩ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହାବ୍ୟତୀତ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ୪ ହଜାର ୩କୋଟିରୁ ଅଧିକ ଟଙ୍କା ବ୍ୟୟରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟକୁ ମଞ୍ଜୁରି ମିଳିଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି। ଏସବୁ କେନ୍ଦ୍ରରେ ନିର୍ମିତ ଚିପ୍ ଅଟୋମୋବାଇଲ, ମହାକାଶ, ପ୍ରତିରକ୍ଷା, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ଉପଯୋଗ କରାଯିବ। ସେହିପରି ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଓ ଆଇଟି (ଏନ୍ଆଇଇଏଲ୍ଆଇଟି) ଭୁବନେଶ୍ୱର ଏବଂ ବାଲେଶ୍ୱରରେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା କରିବା ସହିତ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ଏସବୁ କେନ୍ଦ୍ରରେ ୨୫ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ତାଲିମ ଦିଆଯାଇଥିବା ଶ୍ରୀ ଜିତିନ ପ୍ରସାଦ କହିଛନ୍ତି। ଓଡ଼ିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍ଟ୍ରୋପ୍ରନର୍ ପାର୍କ ସ୍ଥାପନ କରାଯାଇଛି। ଟ୍ରିପଲ୍ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବା। ବର୍ତ୍ତମାନ ସୁଦ୍ଧା ଏଥିରେ ୩୭ଟି ଷ୍ଟାର୍ଟଅପ୍ ସାମିଲ ହୋଇଛନ୍ତି।

# ଧାନ ଚୋରି ରୋକିବାକୁ ସୀମା ସିଲ୍

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ଏବେ ୨୦୨୫-୨୬ ଖରିଫ୍ ଧାନ ସଂଗ୍ରହ ଚାଲିଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ୍ ପିଛା ଅଧିକ ଟଙ୍କା ମିଳୁଛି। ଫଳରେ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଧାନ ଚାଲାଣର ଆଶଙ୍କା ରହିଛି। ଯାହାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଲାଗି ରହିଥିବା ଏହି ଦୁଇ ରାଜ୍ୟର ସୀମାକୁ ସିଲ୍ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ଏଭଳି ସତର୍କ ପଦକ୍ଷେପ ନେଇଛନ୍ତି। ଓଡ଼ିଶା-ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାରେ ଅସ୍ଥାୟୀ ଚେକ୍ ପୋଷ୍ଟ କରି ଯାଞ୍ଚ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଜିଲ୍ଲାପାଳଙ୍କ ପକ୍ଷରୁ ଏସ୍‌ପିଙ୍କୁ ଚିଠି କରାଯାଇଛି। ସୀମାନ୍ତରେ ଚେକ୍ ପୋଷ୍ଟ କରି ବେଆଇନ୍ ଭାବେ ଧାନ ଚାଲାଣ ରୋକିବାକୁ ଜିଲ୍ଲାପାଳ ଚିଠିରେ ଉଲ୍ଲେଖ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଚିଠି ଅନୁସାରେ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ସମସ୍ତ ଗ୍ରାମ୍ୟ ବିଭାଗ ରାସ୍ତାରେ ଚେକ୍ ପୋଷ୍ଟ କରାଯିବ। ଉକ୍ତ ରାସ୍ତାରେ ପୂର୍ବରୁ ସିସିଟିଭି କ୍ୟାମେରା ଲଗାଯାଇ ପ୍ରଶାସନ ନଜର ରଖିଛି। ଏବେ ଅସ୍ଥାୟୀ ଚେକ୍ ପୋଷ୍ଟ କରି ଯାଞ୍ଚକୁ ଆହୁରି କଡ଼ାକଡ଼ି କରାଯିବ। ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହ ମୟୂରଭଞ୍ଜକୁ ଯୋଡୁଥିବା ପଳାସମୁଣ୍ଡଳି-ତୁଟପଳାସିଆ, ଧୁମସାହି/ସିରସା- ଜାମଶୋଳା/ସାରସକଣା, ପାକଟିଆ/ଦେଉଳି-ଚାକସୁଳିଆପଦା/ଚାନ୍ଦୁଆ, ବାନ୍ଦଭା/ତିରିଂ-ଯଦୁନାଥପୁର, ତିରିଂ/ବାହଳଦା-ନନ୍ଦାବସା, ଭାଲୁପାଣି-ରରୁଆଁ-ବେଣୀସାଗର-ଚିରୁହାଟୁ ରାସ୍ତାରେ ଅସ୍ଥାୟୀ ଚେକ୍ ପୋଷ୍ଟ କରାଯିବ।

## ଆସିବ ୬୭ ହଜାର କୋଟି ନିବେଶ

# ଭାରତର ଅଭିବୃଦ୍ଧି ଇଞ୍ଜିନ ପାଇଁ ଓଡ଼ିଶା ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,(ଜା.ପ୍ର): ହାଇଦ୍ରାବାଦରେ ଦୁଇ ଦିନିଆ ଇନଭେଷ୍ଟର ମିଟ୍ ଶେଷ ହୋଇଛି। ଏଥିରେ ଦେଶର ୫୦୦ରୁ ଊର୍ଦ୍ଧ୍ୱ ଶିଳ୍ପସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ଇନଭେଷ୍ଟର ମିଟ୍‌ରେ ରାଜ୍ୟପାଇଁ ସର୍ବମୋଟ୍ ୬୭ ହଜାର କୋଟିର ନିବେଶ ପ୍ରସ୍ତାବ ଆସିଛି। ଏଥିଯୋଗୁଁ ମୋଟ୍ ୫୬ ହଜାରଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଔଷଧ, ଚିକିତ୍ସା ଉପକରଣ, ନବୀକରଣୀୟ ଶକ୍ତି ଉପକରଣ, ବୟନ, ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଡାଟା ସେଣ୍ଟର, ଏବଂ ଆନୁସଙ୍ଗିକ ଶିଳ୍ପ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକରେ ଶିଳ୍ପ ପ୍ରତିଷ୍ଠା ପାଇଁ ୧୩ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି।

ଶେଷ ଦିନରେ ଶିଳ୍ପଦ୍ୟୋଗୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଭାରତର ଅଭିବୃଦ୍ଧି ଇଞ୍ଜିନ ହେବାକୁ ପ୍ରସ୍ତୁତ। ଓଡ଼ିଶା ଏପରି ଏକ ରାଜ୍ୟ ଅଟେ ଯେଉଁଠି କୋଷ୍ଟଲାଇନ ବହୁତ ବଡ଼ ଅଟେ। ୫୭୫ କିଲୋମିଟରର ସୁଦୀର୍ଘ କୋଷ୍ଟଲାଇନ ରହିଛି। ଦେଶରେ ସବୁଠୁ ଅଧିକ ଖଣି ଓଡ଼ିଶାରେ ରହିଛି। ପାଣି, ବିଜୁଳି, ପୋର୍ଟ, ମାନବସମ୍ବଳ ସବୁକିଛି ରହିଛି। ଆସନ୍ତୁ ଓଡ଼ିଶାରେ ନିବେଶ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିବେଶକଙ୍କ ସମ୍ମିଳନୀ ଦୀର୍ଘକାଳୀନ ସହଭାଗିତା ନିର୍ମାଣ କରିବାର ଏକ ବଡ଼ ମଞ୍ଚ ହୋଇଛି। ଏହା ନିବେଶ ଉଦ୍ଦେଶ୍ୟ ଚରିଥାର୍ଥ କରିବ। ଭୌଗଳିକ ଦିଗରୁ ଦୃଷ୍ଟି ଦେଲେ ଓଡ଼ିଶା ଏବେ ନିବେଶକଙ୍କ ପାଇଁ 'ବେଷ୍ଟ ଡେଷ୍ଟିନେଶନ'। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଏହି ଇନଭେଷ୍ଟର ମିଟ୍ ଶିଳ୍ପ ସହଭାଗିତାକୁ ଆହୁରି ମଜବୁତ କରିବା ସହ ଜାତୀୟ ଓ ବିଶ୍ୱସ୍ତରର ନିବେଶକଙ୍କୁ ଆକୃଷ୍ଟ କରିପାରିଛି। ବିଶ୍ୱ ବଜାରର ଏକ ପ୍ରାକୃତିକ ପ୍ରବେଶ ଦ୍ୱାର ଭାବରେ ଓଡ଼ିଶା ସ୍ଥାନିତ ହୋଇଛି। କାରଣ ସ୍ୱଷ୍ଟ ଶିଳ୍ପ ନୀତି, ସୁଶାସନ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଇକୋସିଷ୍ଟମ ଯୋଗୁଁ ଦୀର୍ଘକାଳୀନ ଭବିଷ୍ୟତ ନିର୍ମାଣ ସମ୍ଭବ ହୋଇଛି। ରାଜ୍ୟ ସରକାର ବନ୍ଦର ଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ବହୁମୁଖୀ ସଂଯୋଗୀକରଣ ଫଳରେ ରାଜ୍ୟର ଆର୍ଥିକ ସ୍ଥିତିର ସୁଧାର ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୀତି ସ୍ଥିରତା, ପ୍ରତିଯୋଗିତାମୂଳକ ମୂଲ୍ୟ ଏବଂ ଏକ ସହଜ ଶାସନ ଢାଞ୍ଚା ମାଧ୍ୟମରେ ରାଜ୍ୟ ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରୁଛି। ଶିଳ୍ପ ନେତାମାନଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ, ଓଡ଼ିଶାର ବିବିଧ ଶିଳ୍ପ ଇକୋସିଷ୍ଟମକୁ ପ୍ରଦର୍ଶନ ଏବଂ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ନିବେଶ ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନିବେଶକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂତନ ନିବେଶ ସୁଯୋଗ ଅନୁସନ୍ଧାନ, ସହଭାଗିତାକୁ ସୁଦୃଢ଼ କରିବା, ମୂଲ୍ୟଯୁକ୍ତ ଏବଂ ନିଯୁକ୍ତି-ମୁଖୀ ଶିଳ୍ପ ଅର୍ଥନୀତି ଆଡ଼କୁ ଓଡ଼ିଶାର ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ କମ୍ପାନୀ, ଶିଳ୍ପ ସଂଘ ଏବଂ ବ୍ୟବସାୟ ଚାମ୍ବରର ବରିଷ୍ଠ ନେତୃତ୍ୱଙ୍କୁ ଏକତ୍ରିତ କରାଯାଇଥିଲା। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ନିବେଶକ ସମ୍ମିଳନୀ ଆୟୋଜନ ସଫଳ ହୋଇଛି। ବହୁ ଶିଳ୍ପ ସଂସ୍ଥା ସହ ବୁଝାମଣା ସ୍ୱାକ୍ଷର(ଏମଓୟୁ) ହୋଇଛି। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଶିଳ୍ପାନୁଷ୍ଠାନ ବେଶ୍ ଆଗ୍ରହ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସାରା ଦେଶରୁ ବହୁ ଶିଳ୍ପପତି ଓ ବିଭିନ୍ନ ଆନୁସଙ୍ଗିକ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ପ୍ରକଳ୍ପ ଅଗ୍ରଗତି ସମୀକ୍ଷା: ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର,(ଜା.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ନୋଡାଲ ଅଧିକାରୀ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦୁଇ ଦିନିଆ ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପ, ଯୋଜନା ଆଦିର କାର୍ଯ୍ୟକାରିତା ତଥା ଅଗ୍ରଗତି ସମୀକ୍ଷା କରିବା ସହିତ ହିତାଧିକାରୀ ମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହା ସହିତ ସ୍ଥାନୀୟ ସଦଭାବନା ଭବନ ଠାରେ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ମଧ୍ୟ କରିଥିଲେ। ଏହି ଅବସରରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ନିୟମିତ ଭାବେ ବିଭାଗର ଯୋଜନା, ପ୍ରକଳ୍ପ, କାର୍ଯ୍ୟକ୍ରମ ଆଦିର ନିରୀକ୍ଷଣ କରିବା ସହିତ ସେ ସମ୍ବନ୍ଧୀୟ କୌଣସି ବ୍ୟବଧାନ ରହିଥିଲେ ତାହାର ନିରାକରଣ କରାଯିବା ଆବଶ୍ୟକ କହିଥିଲେ। ଏହା ସହିତ ଜନସାଧାରଣଙ୍କର ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାନବ ସମ୍ବଳ ସମସ୍ୟା ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଭିତ୍ତିଭୂମି, ସ୍ମାର୍ଟ କ୍ଲାସ ରୁମ୍, ପି ଏମ ଶ୍ରୀ ବିଦ୍ୟାଳୟ ଆଦି ଉପରେ ଆଲୋଚନା କରାଯିବା ସହିତ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଛାତ୍ରଛାତ୍ରୀ ମାନଙ୍କର ପାଠ ସମ୍ବନ୍ଧୀୟ ସନ୍ଦେହ ସମାଧାନ ତଥା ପ୍ରତିକ୍ରିୟା ନିଆଯିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗ ଓ ୱାଟକୋର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ସେହିଭଳି କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ର ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ସମୟରେ ଆନୁଷଙ୍ଗିକ ବିଭାଗ ଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଭିତ୍ତିଭୂମି, ମାନବ ସମ୍ବଳ ଆଦି ଉପରେ ଆଲୋଚନା କରାଯାଇଥିଲା ଏବଂ ହଷ୍ଟେଲ ତଥା ଶୌଚାଳୟ ଗୁଡ଼ିକର ସ୍ୱଚ୍ଛତା ବଜାୟ ରଖାଯିବା ନେଇ ଆଲୋଚନା କରାଯାଇଥିଲା। ସେହିଭଳି ମହିଳା ଓ ଶିଶୁ ବିକାଶ, ଜିଲ୍ଲା ଯୋଗାଣ ବିଭାଗ, ଟିପିଡବ୍ଲୁଡିଏଲ୍, ସାମାଜିକ ସୁରକ୍ଷା ବିଭାଗ, ସମବାୟ ଆଦି ଅନ୍ୟାନ୍ୟ ବିଭାଗ ଗୁଡ଼ିକ ର ବିଭିନ୍ନ ପ୍ରକଳ୍ପ ଯୋଜନା ଆଦି ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭାଗୀୟ ଅଧିକାରୀମାନେ ନିଜ ବିଭାଗ ଅର୍ନ୍ତଗତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ମତାମତ ମଧ୍ୟ ପ୍ରଦାନ କରିଥିଲେ। ସେହିଭଳି ଆକାଂକ୍ଷା ବ୍ଲକଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ ଶିକ୍ଷାନବିଷ ସୁଶ୍ରୀ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଆଜି ଶ୍ରୀମତୀ ପାଢ଼ୀ ଜିଲ୍ଲାର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ଲାଠିକଟା ବ୍ଲକ୍ ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଟାଇଁସର ଗ୍ରାମ ପଞ୍ଚାୟତ ପରିଦର୍ଶନ କରିବା ସହିତ ପିଆର୍‌ଆଇ ସଦସ୍ୟ ତଥା ସମସ୍ତ ଅଧିକାରୀମାନଙ୍କ ଆଲୋଚନା କରିଥିଲେ। ପରେ ପରେ ଟାଇଁସର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ସହିତ କରିଥିଲେ। ସେହିଭଳି କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଗ୍ରାମ୍ୟ ଶିଳ୍ପ ପାର୍କ ପରିଦର୍ଶନ କରଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ମାନଙ୍କର ବିଭିନ୍ନ କାର୍ଯ୍ୟ ଦେଖିବା ସହିତ ସେମାନଙ୍କ ସହ ଆଲୋଚନା କରିଥିଲେ।

# 'ବିକଶିତ ଓଡ଼ିଶା ଗଠନରେ ଶୈକ୍ଷିକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର,(ଜା.ପ୍ର): 'ସମସ୍ତଙ୍କ ପାଇଁ ଶିକ୍ଷା, ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା' ହେଉଛି ଆମର ଲକ୍ଷ୍ୟ। ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଗଠନ କରିବାର ଲକ୍ଷ୍ୟ ପୂରଣ କରିବା ନିମନ୍ତେ ଆମ ଶୈକ୍ଷିକ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ (ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା)କୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟର କୁଳପତି, ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏହାଛଡ଼ା ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣର ଲକ୍ଷ୍ୟ ସାଧନ କରିବାରେ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କର ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ,'ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶକୁ ନେଇ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ରେ ୪ଟି ପ୍ରମୁଖ ମାନଦଣ୍ଡକୁ ସ୍ଥାନିତ କରାଯାଇଛି। ଓଡ଼ିଶାରେ ଉଚ୍ଚଶିକ୍ଷାରେ ୨୦୩୬ ମସିହା ସୁଦ୍ଧା ୫୦ % ଓ ୨୦୪୭ ମସିହା ସୁଦ୍ଧା ୬୦% ସାମଗ୍ରିକ ଶିକ୍ଷା ଅନୁପାତକୁ ସୁନିଶ୍ଚିତ କରିବା ସହ ଶିକ୍ଷାନୁଷ୍ଠାନମାନଙ୍କରେ ଲିଙ୍ଗଗତ ସମାନତା ଓ ପଛୁଆ ବର୍ଗରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ଭୁକ୍ତିକରଣ ଉପରେ ପ୍ରାଧାନ୍ୟ ଦେବା, ସ୍ନାତକ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିବା, ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ୨ଟି ଶିକ୍ଷାନୁଷ୍ଠାନ ଯେପରି ବିଶ୍ୱର ଶ୍ରେଷ୍ଠ ୫୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନିତ ହୋଇପାରିବ ତାହାକୁ ସୁନିଶ୍ଚିତ କରିବା ଏବଂ ଓଡ଼ିଶାର ପ୍ରତିଟି ବ୍ଲକରେ ୨ଟି ଉଚ୍ଚଶିକ୍ଷାନୁଷ୍ଠାନ ଓ ପ୍ରତି ଜିଲ୍ଲାରେ ଅନ୍ତତଃ ଗୋଟିଏ ବହୁ ବିଷୟକ ଗବେଷଣା ଭିତ୍ତିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନରେ ନାମ ଲେଖା ପାଇଁ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫% ଆସନ ସଂରକ୍ଷଣ କରାଯିବାର ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଉଚ୍ଚଶିକ୍ଷାର ବିକାଶକୁ ନେଇ ବିଭାଗ ତରଫରୁ କରାଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ଶାସନ ସଚିବ ଧୀରେନ୍ଦ୍ର ନାଥ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜାତୀୟ ଚେତନା
JATIYA CHETANA



# ୩ ବର୍ଷରେ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ

ଭୁବନେଶ୍ୱର,(ଜା.ପ୍ର): 'ଦକ୍ଷ ଶିକ୍ଷକ ନିଯୁକ୍ତି ଓ ଶିକ୍ଷାଦାନ ଉପରେ ଆବଶ୍ୟକୀୟ ଭିତ୍ତିଭୂମି ସୃଷ୍ଟି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଶିକ୍ଷକ ଅଭାବ ଦୂର କରିବା ପାଇଁ ୩ ବର୍ଷ ମଧ୍ୟରେ ସରକାର ୪୫ ହଜାର ଶିକ୍ଷକ ପଦବୀ ପୂରଣ କରିବେ। ଆସନ୍ତା ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ପାଠ୍ୟ ପୁସ୍ତକ ପ୍ରଦାନ କରିବା ପାଇଁ ସରକାର ସ୍ଥିର କରିଛନ୍ତି। ରାଜ୍ୟରେ ଶିକ୍ଷାକ୍ଷେତ୍ରର ବିକାଶ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି। କେବଳ ପ୍ରାଥମିକ ଶିକ୍ଷା ପାଇଁ ଚଳିତ ବର୍ଷ ବଜେଟରେ ରେକର୍ଡ ପରିମାଣର ୩୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଜରିଆରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ବିଜେପି ସରକାରରେ ଆର୍ଥିକ କଟକଣା କେବେ ପ୍ରତିବନ୍ଧକ ହେବ ନାହିଁ।' ବ୍ରହ୍ମପୁର ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଞ୍ଜାମ ଓ ବ୍ରହ୍ମପୁର ସହର ହେଉଛି ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର। ଓଡ଼ିଶାର ବିକାଶ ପାଇଁ ଗଞ୍ଜାମ ଜିଲ୍ଲାର ବିକାଶ ଅତି ଜରୁରୀ। ଏଣୁ ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ



କରାଯିବ ଏବଂ ଏଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସହରର ଇଜ୍ ଅଫ୍ ଲିଭିଂ ଓ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସହର ପରି ବ୍ରହ୍ମପୁର ସହରର କଳେବର ବୃଦ୍ଧି କରାଯାଇ ଏହାକୁ ଗ୍ରେଟର ବ୍ରହ୍ମପୁର ସିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହିତ ଏଥିପାଇଁ ଆବଶ୍ୟକ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନାବଦ୍ଧ ଭାବେ ସମସ୍ତ ମୌଳିକ ସେବା ଯୋଗାଇ ଦେବାପାଇଁ ସହରରେ ଟାଉନ ପ୍ଲାନିଂ ଲାଗୁ କରାଯିବ। ବର୍ତ୍ତମାନ ଦୁଇଟି ଟାଉନ ପ୍ଲାନିଂପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ସହର ଉପକଣ୍ଠରେ ଉନ୍ନତ ସହରୀ ଭିତ୍ତିଭୂମି ବିକାଶ ହେବା ସହିତ ଜମି ମାଲିକମାନେ ମଧ୍ୟ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ସ୍ୱାଧୀନତା ସଂଗ୍ରାମୀ ମୋହନ ନାୟକ, ସମାଜସେବୀ ଶିବରାମ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ନୀଳକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ ତମ ବାର୍ଷିକ ଉତ୍ସବରେ ବିଦ୍ୟାଳୟର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଆସିକା ବିଧାୟକ ସରୋଜ ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ଓ ପଶ୍ଚିମ ପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀଯୁକ୍ତ ସୃଷ୍ଟିଧର ବିଶ୍ୱାଳ, ଗଞ୍ଜାମ ଜିଲ୍ଲାପାଳ କିର୍ତ୍ତୀ ଭାସନ୍ ଭି., ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡକ୍ଟର ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା ଏବଂ ବିଦ୍ୟା ମନ୍ଦିରର ଅଧକ୍ଷ ଡକ୍ଟର ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାନୁଆରୀ ୬ରୁ ପକ୍ଷୀ ଗଣନା



ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ଜାନୁଆରୀ ୬ ତାରିଖରୁ ପକ୍ଷୀ ଗଣନା ଆରମ୍ଭ ହେବ। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଚିଲିକା, ନଳବନ, ମଙ୍ଗଳାଯୋଡ଼ି, ହୀରାକୁଦ ଏବଂ ନନ୍ଦନକାନନ ପରି ପ୍ରମୁଖ ସ୍ଥାନମାନଙ୍କରେ ବିଦେଶୀ ପକ୍ଷୀଙ୍କ ଆଗମନକୁ ନେଇ ଏହି ଗଣନା କାର୍ଯ୍ୟ କରାଯିବ। ବର୍ତ୍ତମାନ ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଏଥିଲାଗି ରାଜ୍ୟରେ ଏବେ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ପକ୍ଷୀ ଗଣନା କାର୍ଯ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗ ସହ ପର୍ଯ୍ୟଟନ ବିଭାଗ ମଧ୍ୟ ସହଯୋଗ କରିବ। ରାଜ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇଥିବାରୁ ଜଳବାୟୁ ପରିବର୍ତ୍ତନ ପକ୍ଷୀମାନଙ୍କ ପାଇଁ ବେଶ୍ ଅନୁକୂଳ ହୋଇଛି। ପକ୍ଷୀମାନଙ୍କ ସଂରକ୍ଷଣ ଏବଂ ପର୍ଯ୍ୟଟନର ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଭିନ୍ନ ସ୍ଥାନରେ ଆଧୁନିକ ୱାଚ୍ ଟାୱାର ଏବଂ ଏନ୍‌କ୍ଲୋଜର ନିର୍ମାଣ କରାଯିବ। ଏହାଦ୍ୱାରା ପର୍ଯ୍ୟଟକମାନେ ସୁବିଧାରେ ପକ୍ଷୀ ଦେଖିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଶିକାରୀମାନଙ୍କ ଗତିବିଧି ଉପରେ ବି ନଜର ରଖାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

# ସଙ୍ଗୀତା ସିଂହଦେଓଙ୍କୁ 'ଶ୍ରେଷ୍ଠ ସାଂସଦ' ପୁରସ୍କାର

ଭୁବନେଶ୍ୱର,(ଜା.ପ୍ର): 'ଲୋକମତ' ସଂସ୍ଥା ତରଫରୁ ୨୦୨୪-୨୫ ବର୍ଷ ପାଇଁ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ 'ଶ୍ରେଷ୍ଠ ସାଂସଦ' ଭାବେ ପୁରସ୍କୃତ ହୋଇଛନ୍ତି। ନୂଆଦିଲ୍ଲୀରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ତାଙ୍କୁ ଏହି ପୁରସ୍କାର ମିଳିଛି। ଶ୍ରୀମତୀ ଦେଓ ପରେ ଗଣମାଧ୍ୟମକୁ କହିଛନ୍ତି ଯେ, ନିଜ ନିର୍ବାଚନ ମଣ୍ଡଳୀ ଏବଂ ସର୍ବୋପରି ଓଡ଼ିଶା ସ୍ୱାର୍ଥ ପାଇଁ ମୁଁ କାର୍ଯ୍ୟ କରୁଛି। ଭବିଷ୍ୟତରେ ବି କରିବି। ମୋର କାର୍ଯ୍ୟକୁ ସ୍ୱୀକୃତି ମିଳିଥିବାରୁ ମୁଁ ଲୋକମତ ସଂସ୍ଥା ନିକଟରେ କୃତଜ୍ଞ।

# ସୁଦାନରୁ ଫେରିଲେ ଓଡ଼ିଆ ଯୁବକ, କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଏ ମିଳନ ଖୁସିର। ପୁଅ ପାଇଁ ବର୍ଷ ବର୍ଷ ଧରି ଛାତିରେ ଜମାଟ ବାନ୍ଧିଥିବା ସ୍ନେହ ମମତା ଗୁଡାକ ଯେମିତି ତରଳି ଲୁହ ହୋଇ ଆଖିବାଟେ ବାହାରି ଯାଉଛି। ଯେତେବେଳେ ଭେଣ୍ଡା ପୁଅଟା କାମ ଦିପାଇଁ କରି ଘର ଚଳାଇବାକୁ ସୁଦୂର ସୁଦାନ ଯାଇ ଥିଲା। ହେଲେ ସେଠାରୁ ଫେରି ପାରି ନ ଥିଲା। ଯାହାକୁ ନେଇ ମାସେ କି ଦି ମାସ ନୁହେଁ ୩ ବର୍ଷ ହେବ ମା'ମନଟା ଆଉଟୁପାଉଟୁ ହଉଥିଲା। ତା ମନକୁ ପାପ ଛୁଉଁଥିଲା କାଳେ ମୋ ପୁଅର କିଛି ହେଇଯିବନି ତ। ପୁଅ ପାଇଁ ଠାକୁରଙ୍କ ପାଖରେ ମୁଣ୍ଡ ପିଟିଛି, ବଡ଼ ବାବୁଙ୍କୁ ଗୁହାରି ବି ହୋଇଛି। ଶେଷରେ ଏ ମା'ର ଡାକ ଭଗବାନ ଶୁଣିଲେ ଆଉ ତା କୋଳକୁ ପୁଅକୁ ଫେରାଇ ଦେଲେ। ଆଉ ପୁଅକୁ ପାଖରେ ପାଇ ମା କହୁଛି ମୋର ଟଙ୍କା ଦରକାର ନାହିଁ, ମୋ ପୁଅ ମୋ ପାଖରେ ଥାଉ।

ଦୀର୍ଘ ଅପେକ୍ଷାର ଅନ୍ତ। ସୁଦାନ ବିଦ୍ରୋହୀଙ୍କ କବଳରୁ ସୁରକ୍ଷିତ ଫେରିଲେ ଓଡ଼ିଆ ପୁଅ। ସୁଦାନ ଗୃହ ଯୁଦ୍ଧରେ ଫସିଥିବା ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ଆଦର୍ଶ ବେହେରା ବୁଧବାର ଓଡ଼ିଶା ଫେରିଛନ୍ତି। ଆବୁଧାବିରୁ ବିମାନ ଯୋଗେ ହାଇଦ୍ରାବାଦ ଓ ସେଠାରୁ ସେ ଆସି ଭୁବନେଶ୍ୱର ପହଞ୍ଚିଛନ୍ତି। ଜଗତସିଂହପୁର ଜିଲ୍ଲା କୋଟକଣା ଗାଁର ଆଦର୍ଶଙ୍କ ପାଇଁ ବିମାନବନ୍ଦର ବେଶ୍ ଗହଳି ଲାଗିରହିଥିଲା। ମା' ସମେତ ପତ୍ନୀ, ପୁଅଙ୍କୁ ଦେଖି ଆଦର୍ଶଙ୍କ ଆଖିର ଲୁହ ବି ବନ୍ଦ ହେବା ନାଁ ଧରୁ ନ ଥିଲା। ଆଉ ଥରେ ଜୀବନ ଧରି ଘରକୁ ଫେରିବେ ବୋଲି ସେ କେବେ ଭାବି ବି ନ ଥିଲେ। ତେବେ ଓଡିଶା ଫେରିଆସିଥିବା ଆଦର୍ଶ ଓଡ଼ିଶା ମାଟି ଛୁଇଁ ଛୁଇଁ ଅକଥନୀୟ ଅତ୍ୟାଚାର କାହାଣୀ ବଖାଣିଛନ୍ତି। ଏପଟେ ଆଦର୍ଶ ଓଡ଼ିଶା ଫେରିବା ପରେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

୨୦୨୨ରେ ସୁଦାନର ଦର୍ଫୁର ଷ୍ଟେଟରେ ଥିବା ଅଲ୍ ଫାସିର ନାମକ ସ୍ଥାନରେ ଏକ ପ୍ଲାଷ୍ଟିକ କଂପାନୀରେ କାମ କରୁଥିଲେ ଆଦର୍ଶ। ସେଠାରେ ଗୃହଯୁଦ୍ଧ ଭୟଙ୍କର ରୂପ ନେବାରୁ କଂପାନୀ ବନ୍ଦ ହୋଇଯାଇଥିଲା। ଏହାପରେ ଗତ ମାସରେ ସେ ନିଜ କମ୍ପାନୀ ମାଲିକଙ୍କ ସହ ସୁରକ୍ଷିତ ସ୍ଥାନକୁ ଚାଲି ଯାଉଥିବା ବେଳେ ଭାଗ୍ୟ ଖେଳିଲା ଖେଳ। ଆତଙ୍କୀ ସଂଗଠନ ଆରଏସ୍ଏଫ୍‌ର କିଛି ବନ୍ଧୁକଧାରୀ ବ୍ୟକ୍ତି ମାଲିକଙ୍କ ସହ ତାଙ୍କୁ ବି ଟେକି ନେଇଥିଲେ। ବନ୍ଧୁକ ମୁନରେ ତାଙ୍କୁ ଅସହ୍ୟ ନିର୍ଯ୍ୟାତନା ଦିଆଯାଉଥିବା ବେଳେ ଖାଇବାକୁ ଗଣ୍ଡେ ବି ପାଉଥିବା ନଥିଲେ। ପ୍ରଥମ ୩ ଦିନ ଜଙ୍ଗଲରେ ଓ ପରେ ଜେଲ୍‌କୁ ନେଇ ଏକ ଅନ୍ଧାର କୋଠରୀରେ ପ୍ରାୟ ଦେଢ଼ ମାସ ତାଙ୍କୁ ବନ୍ଦୀ କରି ରଖିଥିଲେ। ଏହି ଭିଡିଓ ସାମ୍ନାକୁ ଆସିଥିବା ବେଳେ ପରିବାରରେ କାନ୍ଦବୋବାଳି ପଡ଼ି ଯାଇଥିଲା। ନେହୁରା ହେଉଥିଲେ ବି ଆଦର୍ଶଙ୍କୁ ସେମାନେ ଛାଡୁ ନଥିଲେ ବରଂ ଅଧିକ ଭୟଭୀତ କରାଉଥିଲେ। ଅପହରଣକାରୀମାନେ ପ୍ରଥମେ ଆଦର୍ଶ ଭାରତୀୟ ବୋଲି ଜାଣି ନଥିଲେ। ତେବେ ପରେ ଜାଣିବା ପରେ ଅପହରଣକାରୀମାନେ ତାଙ୍କୁ 'ଶାହରୁଖ ଖାନଙ୍କୁ ଜାଣିଛ କି?' ବୋଲି ପଚାରୁଥିଲେ। ଏହାଛଡ଼ା



ଆଦର୍ଶ କହିଛନ୍ତି ଯେ ମୁଁ ବଞ୍ଚିବି ବୋଲି ଭାବି ନଥିଲି, ଦିନେ ଖାଇଲେ ଦିନେ ଖାଉନଥିଲି। ଦେଢ଼ ମାସ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଥିଲି। ଖାଇବାକୁ ମାଂସ ଦେଉଥିଲେ, ହେଲେ ମୁଁ ଖାଉ ନଥିଲି। ବିସ୍କୁଟ ଖାଇ ଗୋଟିଏ ଦିନ ରହୁଥିଲି। ତେବେ ଗତ ଅକ୍ଟୋବର ମାସରେ ତାଙ୍କ ପରିବାର ଲୋକଙ୍କୁ ଆଦର୍ଶ ନିଖୋଜ ଥିବା ସୂଚନା ମିଳିଥିଲା, ଯାହା ପରେ ସେମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମ୍ପର୍କ କରିଥିଲେ ଏବଂ ସମସ୍ତଙ୍କର ସଂଯୁକ୍ତ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ଆଦର୍ଶ ନିଖୋଜ ଖବର ପାଇ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିବା ସହ ତାଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପତ୍ର ଲେଖି ତାଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। ଏଥି ସହିତ ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟ ବୈଦେଶିକ ମନ୍ତ୍ରାଳୟକୁ ପତ୍ରଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ। ଶେଷରେ ଭାରତ ସରକାର ତାଙ୍କୁ କିଛି ଆନ୍ତର୍ଜାତିକ ମଧ୍ୟସ୍ଥିଙ୍କ ସହଯୋଗରେ ଉଦ୍ଧାର କରାଯାଇଛି। ଭୁବନେଶ୍ୱର ଏୟାର ପୋର୍ଟରେ ଅବତରଣ କରିବା ପରେ ସେଠାରେ ଅପେକ୍ଷାରତ ପରିବାର ବର୍ଗ ତଥା ବାପା କ୍ଷେତ୍ରବାସୀ ବେହେରା, ମାଆ ଆରତି ବେହେରା, ସ୍ତ୍ରୀ ସସ୍ମିତା ବେହେରା, ୮ ଓ ୩ ବର୍ଷର ଦୁଇ ପୁଅ ଓ ଅନ୍ୟମାନେ ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ। ଏୟାରପୋର୍ଟରୁ ଆଦର୍ଶଙ୍କ ସମେତ ପରିବାର ବର୍ଗଙ୍କୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ନିକଟକୁ ଅଣା ଯାଇଥିଲା। ଜିଲ୍ଲାପାଳ ଜେ ସୋନାଲ , ଏସ୍.ପି ଅଙ୍କିତ କୁମାର ବର୍ମା ଓ ଏସ୍‌ଡିପିଓ ଆଜିକ୍ୟା ବି ମାଣେ ଆଦର୍ଶଙ୍କ ସହିତ ଅପହରଣର ଅନୁଭୂତି ସମ୍ପର୍କରେ ଆଲୋଚନା କରିବା ପରେ ଜିଲ୍ଲାରେ ପ୍ଲାଷ୍ଟିକ ବିଭାଗରେ ଚାକିରି ଦେବା ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଇଂ ବେହେରା, ରାଜି ହୋଇ ଆଉ ଗାଁ ମାଟି ଛାଡି ବାହାରକୁ ଯିବେ ନାହିଁ ବୋଲି କହିଛନ୍ତି। ପରେ ଏହି ଅବସରରେ ଏସ୍.ପିଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ସାମ୍ବାଦିକ ସମ୍ମିଳନୀ ଓ ଇଂ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ତାଙ୍କୁ ପୁଲିସ ଏସ୍କର୍ଟରେ ନିଜ ମାଟି ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଟକଣା ଗ୍ରାମକୁ ନିଆଯାଇଥିଲା।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୯ ଅକ୍ଟୋବର ୨୦୨୫ରେ ପରିବାର ପାଖକୁ ଆଦର୍ଶଙ୍କ ଏକ ଭୟଙ୍କର ଭଏସ୍ ମେସେଜ୍ ଆସିଥିଲା, ଯେଉଁଥିରେ ସେ ଗୃହଯୁଦ୍ଧରେ ଲିପ୍ତ ଏକ ସସ୍ତ୍ରଧାରୀ ଗୋଷ୍ଠୀ ଦ୍ୱାରା ଅପହୃତ ହୋଇଥିବା କଥା କହିଥିଲେ। ପରେ ତାଙ୍କ ନିଯୋଗକର୍ତ୍ତା ଦ୍ୱାରା ପଠାଯାଇଥିବା ଏକ ଭିଡିଓରେ ଶ୍ରୀ ବେହେରାଙ୍କୁ ଏକ ନିର୍ଜନ ସ୍ଥାନରେ ସସ୍ତ୍ରଧାରୀ ଲୋକମାନଙ୍କ ଘେରାଉ ମଧ୍ୟରେ ଦେଖାଯାଇଥିଲା, ଯାହା ପରିବାରକୁ ଭୟ ଓ ଆତଙ୍କରେ ବୁଡାଇ ଦେଇଥିଲା। ପରବର୍ତ୍ତୀ ସମୟରେ କୌଣସି ଯୋଗାଯୋଗ ସମ୍ଭବ ନ ହେବାରୁ, ୪ ନଭେମ୍ବର ୨୦୨୫ ରେ ପରିବାର ଲୋକ ତିର୍ତ୍ତୋଲ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ୫ ନଭେମ୍ବରରେ ପାରାଦୀପରେ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ଭେଟି ଜିଲ୍ଲା ପ୍ରଶାସନ ଓ ଉଚ୍ଚ ପୁଲିସ ଅଧିକାରୀମାନଙ୍କ ସହ ଲିଖିତ ଆବେଦନ ଦେଇ ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ। ୬ ନଭେମ୍ବର ୨୦୨୫ ରେ ଆସିଥିବା ଆଉ ଏକ ଭଏସ୍ ମେସେଜ୍ ରେ ଶ୍ରୀ ବେହେରା କହିଥିଲେ ଯେ ସେ ଦାରଫୁର୍ ରାଜ୍ୟର ଆଲ୍-ଫାସିର୍ ସହର ସ୍ଥିତ ମିନା ଜେଲରେ ଆରଏସଏଫ ଗୋଷ୍ଠୀ ଦ୍ୱାରା ବନ୍ଦୀ ରହିଛନ୍ତି ଏବଂ ଭାରତୀୟ ଦୂତାବାସ ଓ ରେଡ୍ କ୍ରସ୍ ମଧ୍ୟରେ ସମନ୍ୱୟ ହେଲେ ମୁକ୍ତି ସମ୍ଭବ। ଏହା ପରେ ପରିବାର ତୁରନ୍ତ ରେଡ୍ କ୍ରସ୍ ଅଧିକାରୀ, ସାମାଜିକ କର୍ମୀ ଓ ରାଜ୍ୟ-କେନ୍ଦ୍ର ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗଙ୍କୁ ଯୋଗାଯୋଗ କରିଥିଲେ।

ଜାତୀୟ ଚେତନା
JATIYA CHETANA



## ମଣିଷ



ମଣିଷକୁ ଚିହ୍ନିବାକୁ
ଲୋଡ଼ା ଅନୁର୍ଭେଦୀ
ଦୃଷ୍ଟିର ଯବକାଚ କାରଣ,
ଭିତରେ କଳା କିଟିକିଟି
ପୂତି ଗନ୍ଧମୟ ନର୍ଦ୍ଦମାକୁ
ଲୁଚେଇ ଜଣେ
ଦେଖେଇପାରେ
ନିଜକୁ ସ୍ୱଚ୍ଛ ମଣିପାରେ
ଆକାଶସ୍ପର୍ଶୀ ଉଚ୍ଚ।
ଆମେ ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ
ମୂଳରେ ପାଣି ଛିଞ୍ଚି କାଟିପାରୁ ଚେର
ଡାଆଣୀ ହୋଇ ଅନ୍ୟ ଦେହେ ଲାଗିଯାଇ
ଗୁଣିଆ ସାଜି ଝାଡୁଥାଉ ବିଷ
କାହା ଘରେ ଅଗ୍ନି ସଂଯୋଗ କରି
ନିର୍ବାପନ ଲାଗି ସାଜୁ ସମାଜସେବୀ
ଭିତରେ ହଳାହଳର ହାକୁଟି ଉଠେଇ
ଉପରେ ଫୁଟଉ ନକଲି ହସର ଶତଦଳ
ଗାଉଥାଉ ପ୍ରୀତିର ପୂରବୀ।
ଜଣକ ପାଶେ ମହଜୁଦ ଥିବା ଯାଏ
ସ୍ୱାର୍ଥର ସାକାରିନ୍
ଆମେ ମନ୍ଦାମନ୍ଦା ହେଉ ତା' ପାଶେ
ଜନ୍ଦା ପିମ୍ପୁଡ଼ି ପରି ଜୋକ ପରି
ଲାଗିଯାଉ ପ୍ରାଣପଣେ
ସେତକ ନିଃଶେଷ ହୋଇଗଲେ
ଆଡ଼େଇଦେଉ ଗୋଡ଼ରେ
ଦଗାଦିଆ ଭ୍ରମର ପରି
ବାଟଭାଙ୍ଗି ଚାଲିଯାଉ
ଆଉ କେଉଁ ଫୁଲବଣ ଅନ୍ୱେଷଣେ।

**ଗୋପୀନାଥ ଦାଶ**
ବ୍ରାହ୍ମଣକୁଶଡିହ, ଆଙ୍କୁଲାଚଟୀ, ଖୋର୍ଦ୍ଧା
ପିନ୍- ୭୫୨୦୩୦
ମୋ: ୮୦୧୮୮୧୪୧୧

## ମାଆ ପାଇଁ ଏକପଦୀ



**ଜୀବନ**
ମାଆ କଥା ଜମା
ଭୁଲି ପାରୁ ନାହିଁ
ପାସୋରିବି ବୋଲି
ଭାବିଲେ ଯେତେ,
ମାଆ ତ ଜୀବନ
ମାଆ ତ ସ୍ପନ୍ଦନ
ତା' କଥା ଆବୋରି ରଖିଛି ମୋତେ।
ମୋର ରକ୍ତ ମାଂସ ହାଡ଼ ସେ ସତେ
ମଜ୍ଜାଗତ ତାର ଗୋଟି ଗୋଟି କଥା
କେ' ନୁହେଁ ଆତ୍ମୀୟ ତା' ପରି ଏତେ !

**ପଣତ**
ତୋ' ପଣତ ଥିଲା ତୁଳିତଳ୍ପ ଶଯ୍ୟା
ଯା' ବିନା ହୁଏନା ନିଦ,
ଆଶ୍ରା ଭରସା ର ଛାତ ଆମ ପାଇଁ
ଝାଡ଼ିଦେଲେ ହୁଏ ଗଦ ।
ପୋଛି ଦେଇ ଦେହ ଧୂଳି,
ଗଡ଼ ଜିତିଯିବା ସାମର୍ଥ୍ୟ ମିଳଇ
ଯାଦୁର ରୁମାଲ୍ ଭଳି ।

**ମର୍ତ୍ତ୍ୟ ଅମୃତ**
ଛାତିରୁ ଯା' ଝରେ ଅମୃତର ଧାର
ପୋଷଣ ଦେଇଛି ଭରି,
ଏ ମର୍ତ୍ତ୍ୟ ଅମୃତ ପାନ କରି ମୁହିଁ
ଜିଇଁଛି ଜୀବନ ଧରି,
ଧୈର୍ଯ୍ୟ ଯିବ ନାହିଁ ସରି,
ହାରି ଯିବି ନାହିଁ ଡରି ଯିବି ନାହିଁ
ରହି ମୃତ୍ୟୁଞ୍ଜୟ ପରି।

**କବିଜ୍ୟୋତି ନିରଞ୍ଜନ ପତି**
ପ୍ରଗତି ନଗର, ଅନୁଗୁଳ



# ସଙ୍ଗୀତା

## ଦ୍ୱିତୀୟ ଭାଗ



ପବିତ୍ର ବେହେରା

ମୋର ଏପରି ଅପ୍ରତିଭ ବ୍ୟବହାର ଦେଖି ଠୋଠୋ ହୋଇ ହସି ଉଠିଥିଲା ସଙ୍ଗୀତା, ସତେଯେପରି ଚପଳତାମୟୀ ପ୍ରଗଳ୍ଭା କିଶୋରୀଟିଏ। ତାର ସେଇ ହସରେ ମୁଁ ଆହୁରି ନର୍ଭସ ହୋଇ ଯାଉଥିଲି। ବହୁତ ସମୟ ହତବାକ୍ ହୋଇ ବସିରହିବା ପରେ, ହଠାତ୍ ଚଉକି ଛାଡ଼ି ମୁଁ ଠିଆ ହୋଇପଡ଼ିଲି ଏବଂ କହିଲି,

– ପ୍ଲିଜ୍ ସଙ୍ଗୀତା, ତୁମେ ଏପରି ହସନା, ପ୍ଲିଜ୍!

– ତୁମକୁ ମୋର ଅନେକ କିଛି କହିବାକୁ ଅଛି, ହେଲେ ମୋର ସେ ସାହସ ନାହିଁ, ସବୁକଥା ତୁମକୁ ଖୋଲି କହିଦେବା ପାଇଁ, ମୋତେ ଡର ଲାଗୁଛି। କାଳେ ମୋ କଥାରେ ତୁମ ମନରେ କଷ୍ଟ ହେବ, କିମ୍ବା ତୁମେ ମୋତେ ଭୁଲ ବୁଝିନେବ।

– ଆରେ ମୋତେ କଷ୍ଟ କାହିଁକି ହେବ, ଆପଣ ଏମିତି କ'ଣ କ'ଣ କହିବେ ଯେ? କିଛି ଚିନ୍ତା କରନ୍ତୁ ନାହିଁ, ଯାହା କହିବା କଥା ଖୋଲି କୁହନ୍ତୁ, ମୁଁ କିଛି ବି ଭାବିବି ନାହିଁ।

– ହୁଁ, ହେଲେ ଏବେ, ଏମିତି, ଏଇଠି... ? ନା' ନା' ଏମିତି ନୁହେଁ, ଯଦି କିଛି ନଭାବିବେ, ତେବେ ନିରୋଳାରେ କେବେ ଦି' ଘଡ଼ି ବସି କଥା ହୋଇପାରିବା? ଏତିକି କହି ମୁଁ ଚୁପ୍ ହୋଇଗଲି।

ମୋ କଥା ଶୁଣି, ସଙ୍ଗୀତା କିଛି ସମୟ ପାଇଁ ନିରବ ଏବଂ ଗମ୍ଭୀର ଭାବେ ଠିଆ ହୋଇରହିଲା, ଯେପରି ସେ ମନେମନେ ମୋ କଥାର ଗମ୍ଭୀରତାକୁ ମାପି ନେବାକୁ ଚାହୁଁଥିଲା। ମୋ ପାଖରେ କଣ ଏମିତି ସିକ୍ରେଟ ଅଛି, ଯେଉଁଥିପାଇଁ ତା ସହିତ ମୋତେ ଦି'ଘଡ଼ି ନିରୋଳା ସମୟ ଦରକାର? କିଛି ସମୟ ଭାବିବା ପରେ ସେ କହିଲା, 'ଆଚ୍ଛା, ଠିକ୍ ଅଛି। କେବେ ସମୟ ସୁବିଧା ଦେଖି ଆସନ୍ତୁ ମୋ ରୁମ ପଛପଟ ଝରକା ପାଖକୁ।

ସମୟ ସୁବିଧାକୁ ଅପେକ୍ଷା କରିବା ପାଇଁ, ମୋ ପାଖରେ ଆଉ ଧୈର୍ଯ୍ୟ ନଥିଲା। ସେଇଦିନ ସଂଧ୍ୟାରେ, ମୁଁ ସଙ୍ଗୀତାର ରୁମ୍ ପଛପଟେ ପହଞ୍ଚି ଯାଇଥିଲି। ସିଏ ବି ମୋ ଅପେକ୍ଷାରେ। ତା ଓଠରେ ସେଇ ସ୍ମିତ ହସ ଏବେବି ସେମିତି ଥିଲା, ଯାହାର ମାନେ ମୁଁ ଆଜି ଯାଏ ବୁଝିପାରୁ ନଥିଲି। ଏକ ସ୍ୱାଭାବିକ ଗମ୍ଭୀର ଝିଅର ରୁଚିକୁ ନେଇ ତା ଘରର ସାଜସଜ୍ଜା ବି ବହୁତ ସିମ୍ପଲ ଏବଂ ସୁନ୍ଦର ଥିଲା। କିଛି ସମୟର ନିରବତାରେ କଟିଯିବା ପରେ, ସ୍ୱାତୀ ଆରମ୍ଭ କଲା, 'ଏବେ କୁହନ୍ତୁ, ଆପଣ କଣ କହିବାକୁ ଚାହୁଁଥିଲେ।'

ପ୍ରଥମେ ମୁଁ ମୋ ନିଜକୁ ଟିକେ ସଜାଡ଼ି ନେଲି। ମୋ ମନର ବିକ୍ଷିପ୍ତ ଭାବନା ସବୁକୁ ଏକାଠି ଶବ୍ଦରେ ସଜାଡ଼ି ଆକାର ଦେବାକୁ ବହୁତ ଚେଷ୍ଟା କରୁଥିଲି, କିନ୍ତୁ ଶବ୍ଦ ସବୁ ଯେପରି ମୋର କଥା ମାନୁ ନଥିଲେ। କଥାଟା କିପରି କେଉଁଠୁ ଆରମ୍ଭ କରିବି ବୋଲି ବଡ଼ ଅସମଞ୍ଜସ ସ୍ଥିତିରେ ଆମର କିଛି ସମୟ ଏମିତି ଚାଲିଗଲା। ହେଲେ, ତଥାପି ମୁଁ ମୋ ଶବ୍ଦମାନଙ୍କୁ ଗୋଟିଏ ସୂତାରେ କ୍ରମାନ୍ୱୟରେ ସଜାଡ଼ି ପାରୁନଥିଲି। ହଠାତ୍ ଅପ୍ରସ୍ତୁତ ଭାବେ ମୋ ମୁହଁରୁ ବାହାରି ପଡ଼ିଲା – ସଙ୍ଗୀତା, ତୁମେ ମୋତେ ବିବାହ କରିବ ??

ସେତେବେଳକୁ ଭାବାବେଗରେ ମୋ ମୁହଁ ଲାଲ କି ସେଥା ପଡ଼ି ଯାଇଥିଲା ସେ କଥା ମୋତେ ଜଣାନାହିଁ, କିନ୍ତୁ ମୋ କଥା ଶୁଣି ସଙ୍ଗୀତା ମୁହଁ ଏକଦମ୍ ଲାଲ ହୋଇ ଯାଇଥିଲା। ସେ କିଛି ସମୟ ହତବାକ୍ ହୋଇ ବଡ଼ ନିରୀହ ଚାହାଣିରେ, ମୋ ମୁହଁକୁ ଅନେଇ ରହିଲା। ଯେପରି ସେ ବୁଝି ପାରୁନଥିଲା, ମୁଁ ଏମିତି କଣ କହିଦେଲି। ସେ ହୁଏତ ଭାବିଥିଲା, ପ୍ରଥମେ ମୁଁ ତାର ରୂପର ପ୍ରଶଂସା କରିବି, ମୁଁ ତାକୁ କେତେ ଭଲପାଏ ବଖାଣି ହେବି, ପୁଣି ଶେଷରେ ତାକୁ ପ୍ରଣୟ ନିବେଦନ କରିବି। ଯାହାକୁ ସେ ଖୁବ୍ ସହଜରେ ପ୍ରତ୍ୟାଖ୍ୟାନ କରି ଦେଇ ପାରିବ, କିନ୍ତୁ ଏ କଣ, ମୁଁ ଯେ ତାକୁ ସିଧା ବିବାହ ପ୍ରସ୍ତାବ ଦେଇ ଦେଇଥିଲି ।

ଭଲପାଇବା ଏତେ ଗଭୀର ନହେଲେ କିଏ କଣ କାହାକୁ ସିଧା ବିବାହ ପ୍ରସ୍ତାବ ଦେଇପାରେ? ମୋ ପ୍ରସ୍ତାବକୁ ସେ ନା କରିବ କି ହଁ, ଭାବିପାରୁ ନଥିଲା। ନା କରିବ ତ କିପରି ନା କହିବ, ହୁଏତ ତାର ବାଟ ଖୋଜୁଥିଲା ସଙ୍ଗୀତା! ଧୀରେଧୀରେ ସଙ୍ଗୀତା ଗମ୍ଭୀର ହୋଇ ଆସୁଥିଲା, ସେଇ ଗମ୍ଭୀରତା ଭିତରେ ଦୁଇଟି କରୁଣ ଆଖି ମୋ ଉପରେ ଘୁରିଯାଇ ଝରକା ବାଟେ କାହିଁ କେତେ ଦୂରରେ କେଉଁ ଅତୀତରେ ବୋଧହୁଏ ହଜିଗଲା ।

ମୁଁ ନିରବତା ଭାଙ୍ଗି କହିଲି – ଦେଖ ସଙ୍ଗୀତା, ବିବାହ ପାଇଁ ମୁଁ ତୁମକୁ ବାଧ୍ୟ ତ କରି ପାରିବିନି ! ମୁଁ ତୁମର ଉତ୍ତର ଏବେ ସାଙ୍ଗେସାଙ୍ଗେ ବି ମାଗୁନି। ତୁମେ କାହା ସହିତ କେବେ ବିବାହ କରିବ, ସେଇଟା ତୁମର ନିଜ ଇଚ୍ଛା ଉପରେ ନିର୍ଭର କରୁଛି। କିନ୍ତୁ ମୁଁ କେବଳ ଏତିକି କହିବାକୁ ଚାହୁଁଛି, ତୁମେ ଯେବେ ବି ବିବାହ କରିବାକୁ ସ୍ଥିର କରିବ, ଥରେ ମୋ ପ୍ରସ୍ତାବ ଉପରେ ନିଶ୍ଚୟ ବିଚାର କରିବ। ତୁମକୁ ମୁଁ ଜୀବନସାଥୀ ରୂପରେ ପାଇଲେ ବହୁତ ଖୁସି ହେବି। ମୋତେ ଲାଗିବ, ସତେଯେପରି ମୋତେ ମୋର ସାତଜନ୍ମ ତପସ୍ୟାର ସଫଳତାର ଫଳ ମିଳିଗଲା। ହୁଏତ ତୁମେ ମୋ ପାଇଁ ମୋ ଜୀବନର ସର୍ବଶ୍ରେଷ୍ଠ ଉପହାର ହେବ।

ଏକା ନିଶ୍ୱାସରେ ଏତିକି କହିସାରିବା ପରେ ମୁଁ କହିଲି – ଆଚ୍ଛା ସଙ୍ଗୀତା! ମୁଁ ଏବେ ଆସୁଛି। କହି, ଯିବା ପାଇଁ ରୁ ପ୍ରସ୍ତୁତ ହୋଇଥାଏ।

ସେ ପର୍ଯ୍ୟନ୍ତ ସଙ୍ଗୀତା ନିରବରେ ତଳକୁ ମୁହଁ ପୋତି ମୋ କଥା ଶୁଣୁଥିଲା। ମୁଁ ଉଠିବାର ଦେଖି ସେ ବି ଠିଆ ହୋଇଗଲା। ହଠାତ୍ ଖପ୍ କରି ମୋ ହାତକୁ ଧରି ପକାଇଲା ଏବଂ ମୋ ମୁହଁକୁ ଥରେ କରୁଣ ଭାବେ ଚାହିଁ ପୁଣି ତଳକୁ ମୁହଁ କରି କହିଲା,

– ଶୁଣ, ଆପଣ ତ ନିଜ କଥା କହିଗଲେ, ମୋ କଥା ଶୁଣିବେନି ? ମୋର ବି କିଛି କହିବାର ଅଛି, ଶୁଣିକି ଯାଆନ୍ତୁ। ସଙ୍ଗୀତା ଆରମ୍ଭ କଲା ତାର କାହାଣୀ ।

– ବିନା କିଛି ସଙ୍କୋଚରେ ସେ ହଠାତ ପଚାରିଲା, ଆପଣ କେବେ ଚୁଇଁଗମ୍ ଖାଇଛନ୍ତି?

– ଚୁଇଁଗମ୍? ହଠାତ୍ ଏପରି ଗୋଟିଏ ପ୍ରଶ୍ନ ଶୁଣି ମୋ ମୁହଁର ଭାବ ବଦଳିଗଲା, ଭାବି ପାରୁନଥିଲି ଏପରି ଏକ ସିରିୟସ କଥାବାର୍ତ୍ତା ଭିତରେ ହଠାତ୍ ଏତେ ହାଲକା ଫୁଲୁକା ପ୍ରଶ୍ନ? ତଥାପି ଉତ୍ତର ଦେଲି। ହଁ। ପିଲାଦିନେ ବହୁତ ଚୁଇଁଗମ୍ ଖାଇଛି। କିନ୍ତୁ ହଠାତ୍ ଏପରି ପ୍ରଶ୍ନ କାହିଁକି?

ମୋ ପ୍ରଶ୍ନକୁ ଅଣଶୁଣା କରି ସଙ୍ଗୀତା ପୁଣି ପଚାରିଲା ଚୁଇଁଗମ୍ କେମିତି ଖାଆନ୍ତି?

ପିଲାଦିନର ଚୁଇଁଗମ୍ ଖାଇବା କଥା ମନେପକାଇ ମୋତେ ହସ ତ ବହୁତ ଲାଗୁଥିଲା, ସ୍କୁଲରେ କିପରି ଚୁଇଁଗମ୍ ଖାଇ ପାଖ ବାଲା ସିଟ୍ ରେ ଚିପକେଇ ଦେଇ ସାଙ୍ଗମାନଙ୍କୁ ହଇରାଣ କରିବା, କେବେ କାହା ଚୁଟିରେ ଚୁଇଁଗମ୍ ଲଗେଇ ତୋ ମୁଣ୍ଡରେ କାଉ ହଗିଦେଲା କହି ମଜା କରୁଥିଲୁ। କିନ୍ତୁ ନିଜ ହସକୁ ମନରେ ଚାପି ନେଇ କହିଲି, ଚୁଇଁଗମକୁ ପାଟିରେ ପକାଇ ଚୋବେଇ ଚାଲ, କିଛି ସମୟ ପରେ ତାର ମିଠା ସରିଯାଏ, ତଥାପି ଚୋବାଇ ଚାଲ, ଯେତେବେଳେ ଚୋବେଇ ଚୋବେଇ ବୋର୍ ହୋଇଯିବ, ସେତେବେଳେ ଥୁ କରି ଫୋପାଡ଼ି ଦେବ। ବାସ୍ ହୋଇଗଲା ଚୁଇଁଗମ୍ ଖାଇବା।

ମୋର ଉତ୍ତର ଶୁଣି ସଙ୍ଗୀତା ପ୍ରତିକ୍ରିୟା କେବଳ ଏକ ଛୋଟିଆ ହୁଁ ଥିଲା, କିନ୍ତୁ ସେଇ ଛୋଟିଆ ହୁଁ ଶବ୍ଦଟି ବହୁତ ଗମ୍ଭୀର ଥିଲା। ଗୋଟିଏ ଅକ୍ଷରର ଏଇ ଶବ୍ଦଟି କେତେ ଗମ୍ଭୀର, ସତେଯେପରି ନିଜ ଭିତରେ ଦୁନିଆଁର ସବୁ ଦୁଃଖକୁ ଜାବୁଡ଼ି ଧରିଛି। ସତେଅବା ମହାଶୂନ୍ୟର ନିଥର ମଣ୍ଡଳର ସେଇ ଗୁରୁ ଗମ୍ଭୀରର ଶବ୍ଦ। ଯିଏ କହେ, କେବଳ ସେଇ ନିଜେ ହିଁ ଶୁଣେ, ଆଉକେହି ଶୁଣି ପାରେନା, କିନ୍ତୁ ଯିଏ ଶୁଣେ ସେ ବୁଝି ବି ଅବୁଝା ରହିଯାଏ। ସେଇ ଶବ୍ଦର ଅର୍ଥ କଣ ଥିଲା, ହଁ ଅବା ନା। ମୁଁ ବି ଅବୁଝା ଶିଶୁଟିଏ ପରି ଚାହିଁ ରହିଥିଲି ସଙ୍ଗୀତା ମୁହଁକୁ ତାର ପରବର୍ତ୍ତୀ ଶବ୍ଦଗୁଡ଼ିକୁ ଶୁଣିବା ପାଇଁ ।

ମୋର ଅବୁଝାପଣ ଦେଖି ସଙ୍ଗୀତା ମୁହଁ ଖୋଲିଲା। ପଚାରିଲା, ଫୋପଡ଼ା ଯାଇଥିବା ସେଇ ଚୁଇଁଗମକୁ ଉଠାଇ ଆଉକେହି କଣ କେବେ ଖାଏ??

ଏଥର କିନ୍ତୁ ସଙ୍ଗୀତା ପ୍ରଶ୍ନରେ ମୁଁ ଚମକି ପଡ଼ିଥିଲି। ନିଜର ଭାବନା ଉପରେ ଅଙ୍କୁଶ ଲଗାଇ ଉତ୍ତରରେ କହିଲି – ନା, ସେଇ ଚୁଇଁଗମରେ କଣ ବାକିଥାଏ ଯେ? ପବନ ବାଜି ସେ ଟାଣ ବି ହୋଇଯାଏ। ଡଷ୍ଟବିନରେ ଫୋପଡ଼ା ଯାଇଥିବା ଅଇଁଠା ଚୁଇଁଗମକୁ କିଏ କାହିଁକି ଖାଇବ!

ସଙ୍ଗୀତା ଫିକ୍ କିନା ହସି ଦେଲା, ସେ ହସ କିନ୍ତୁ ସବୁ ସମୟର ହସ ପରି ସରସ, ମଧୁର ନଥିଲା, ବଡ଼ ନିରାଶାର ଶୁଖିଲା ହସଟିଏ ଥିଲା ସେ ହସ। ସେ ସିଧାସଳଖ ମୋ ମୁହଁକୁ ଚାହିଁଲା, ଆଖିରେ ଆଖି ମିଳାଇ କହିଲା, 'ବୋଧହୁଏ ଆପଣ ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଗଲେ।'

ସଙ୍ଗୀତାର କଥା ଶୁଣି ମୁଁ ଚମକି ପଡ଼ିଲି, ଠିକ୍ ଭାବେ ବୁଝି ବୁଝିପାରୁ ନଥିଲି ସେ କ'ଣ କହିବାକୁ ଚାହୁଁଛି। ଅବୁଝାପଣରେ ପଚାରି ବସିଲି – ମାନେ? ତୁମ କଥା ମୁଁ ବୁଝି ପାରିଲିନି। ଚୁଇଁଗମ୍ ଆଉ ମୋର ପ୍ରଶ୍ନ ଏବଂ ତାର ଉତ୍ତର, ଏ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧିବାକୁ ଚେଷ୍ଟା କରୁଥିଲି। ଜ୍ୟାମିତିର କେଉଁ ଉପପାଦ୍ୟର ସୂତ୍ର ଖୋଜୁଥିଲି। ସେମାନଙ୍କୁ ଗୋଟିଏ ସରଳ ରେଖାରେ ଯୋଡ଼ା ଯାଇ ପାରିବ କି ନାହିଁ ପରୀକ୍ଷା କରୁଥିଲି।

ମୋର ଅବୁଝାପଣ ଦେଖି ସ୍ୱାତୀ କହିଲା – ସେଇ ଚୁଇଁଗମ୍ ଆଉ ମୁଁ ଆମେ ଗୋଟିଏ ଜିନିଷ। ମୁଁ ସେଇମିତି ଫୋପଡ଼ା ଯାଇଥିବା ଚୁଇଁଗମଟିଏ। ଆପଣଙ୍କ ପାଇଁ ମୁଁ ଯୋଗ୍ୟ ନୁହେଁ। ଆପଣ ଆଉ ମୋ ଅତୀତ କଥା ପଚାରି ମୋତେ ଆଉ ବ୍ୟଥିତ କରିବେନି ବୋଲି ଆଶା କରୁଛି। ଆପଣ ଏବେ ଆସିପାରନ୍ତି ବୋଲି କହି ସଙ୍ଗୀତା ଜାଗା ଛାଡ଼ି ଠିଆ ହୋଇଗଲା।

ମୁଁ କିନ୍ତୁ ସେଠାରେ ଛିଡ଼ା ହୋଇ ସଙ୍ଗୀତା ର ମୁହଁକୁ ଚାହିଁ ରହିଥିଲି। ସେଇ ଦରମଉଳା ଫୁଲରେ ତାର ନିଜସ୍ୱ ରଙ୍ଗମାନଙ୍କୁ ଖୋଜୁଥିଲି, ଉଡ଼ି ଯାଇଥିବା ମହକ ସବୁକୁ ମନେ ପକାଉଥିଲି। ମୋତେ କାହିଁକି ଲାଗୁଥିଲା, ଏଇଟା ଗୋଟିଏ ଦରମଉଳା ଫୁଲର କାହାଣୀ ନୁହେଁ, ଏଇଟା ତ ଶରତ ଆକାଶର ପୂର୍ଣ୍ଣମା ଚାନ୍ଦର କାହାଣୀ। ସତେଯେପରି ଅଦିନିଆ ବାଦଲ ତାକୁ ଢାଙ୍କି ଦେଇଛି କିଛିକ୍ଷଣ ପାଇଁ। ସଫେଦ୍ ପତଳା ବାଦଲ ତଳେ ଲୁଚିଯାଇଛି ପୁନେଇଁର ଚାନ୍ଦ। ଦି'ମିନିଟ ପରେ ବାଦଲ ହଟିଯିବ, ପୁଣି ହସି ଉଠିବ ଜହ୍ନ। ତାର ତୋଫା ମୁହଁ ଦେଖେଇ ଦେବ, ଟିକିଏ ହସି ଦେଇ ଚଉଦିଗରେ ତାର ଚାନ୍ଦିନୀ ବିଛାଡ଼ି ଦେବ।

ମୁଁ ମଧ୍ୟ ଠିଆ ହୋଇପଡ଼ିଲି, ସ ସାମ୍ନାସାମ୍ନି। ଟିକେ ଗଳା ସଫା କରି ପଚାରିଲି – ସଙ୍ଗୀତା ତୁମେ କେବେ ଆଇସ୍ କାଣ୍ଡି ଖାଇଛ? ହଠାତ୍ ସଙ୍ଗୀତା ମୁହଁର ଭାବ ବଦଳିଗଲା। ତାର ଭ୍ରୂକୁଞ୍ଚିତ ହୋଇଗଲା। ସତେଯେମିତି ପଛ ବେଞ୍ଚରେ ବସିଥିବା ପିଲାଟିକୁ ସାର୍ ସାଇକୋଲଜିର ସ୍ପେଲିଂଗ୍ ପଚାରି ଦେଲେ। ସଙ୍ଗୀତା ଠିକ୍ ବୁଝି ପାରୁନଥିଲା, ତାର ଚୁଇଁଗମ୍ ଥିଓରିର ଜବାବରେ ମୋର ଏଇ ଆଇସ୍ କାଣ୍ଡିର ଥିଓରିଟା କ'ଣ? ଏବଂ ତା'ପଛରେ ଥିବା ମୋ ଲଜିକଟା କ'ଣ ହୋଇପାରେ! ସେ ବୁଝି ପାରୁନଥିଲା, ମୁଁ କ'ଣ ପ୍ରମାଣ କରିବାକୁ ଚାହୁଁଥିଲି।

ତାର ଏ କନଫ୍ୟୁଜନ୍‌କୁ ଦେଖି ମୁଁ ତାକୁ କହିଲି – ଛାଡ଼ ସେସବୁ। କଥାଟାକୁ ମୁଁ ସିଧାସିଧା କହୁଛି। ଆମେ ଆଇସ୍ କାଣ୍ଡିକୁ କେତେ ଯତ୍ନରେ ଖାଉ, ଗୋଟିଏ ଟୋପାଏ ରସ ତରଳି ଯେପରି ତଳେ ପଡ଼ିନଯାଏ, ସେଥିପାଇଁ ବଡ଼ ସାବଧାନ ରହୁ। ଯେତେବେଳେ ଆଇସ୍ କାଣ୍ଡିଟି ପୁରା ସରିଯାଏ, ତେବେ ବି ଆଇସ୍ କାଣ୍ଡିର ମୋହ ସରିନଥାଏ, କାଠିଟିକୁ ଫୋପାଡ଼ିବା ଆଗରୁ ଶେଷଥର ପାଇଁ ଥରେ ମୁହଁରେ ପୁରାଇ ଆଉଥରେ ଚୁଷି ନେଉ। କାଳେ ଟୋପାଏ କେଉଁଠି ଲାଗି ରହିଯାଇଥିବ ସେଥିରେ। ସେମିତି ମଣିଷର ଜୀବନ, ଆଉ ଜୀବନର ସବୁ ସମ୍ପର୍କ। ମଣିଷ ଜୀବନରେ ସଂପର୍କର ବନ୍ଧନ ମଧ୍ୟ ସେମିତି ଥାଏ। ଜଣେ ଆଉ ଜଣଙ୍କ ସହିତ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରହେ। ଯେବେ ଜୀବନ ସରିଯାଏ ସେତେବେଳେ ଖାଲି ନିର୍ଜୀବ ଦେହଟି ଆଇସ୍ କାଣ୍ଡିର କାଠିଟିଏ ପରି ହୋଇଯାଏ। ଦେଖ ସଙ୍ଗୀତା ! କିନ୍ତୁ ମଣିଷର ଜୀବନ କିଛି ଚୁଇଁଗମ୍ କିମ୍ବା ଆଇସ୍ କାଣ୍ଡି ନୁହେଁ। ମଣିଷ ଜୀବନର ତୁଳନା ଏକ ଧଳା ଲୁଗା ସହିତ ମଧ୍ୟ କରାଯାଇ ପାରେ। ଲୁଗା ତ କେବେ ନା କେବେ ଅସନା ହେବ, ସେଥିରେ କେତେ ଧୂଳି କେତେ ଦାଗ ଲାଗିବ, ତା'ବୋଲି ଅସନା କହି ଲୁଗାଟିକୁ କେହି ଫୋପାଡ଼ି ଦିଏନା। ବରଂ ଅସନା ଲୁଗାକୁ ଧୋଇଧାଇ ପରିଷ୍କାର କରିଦିଏ, ପୁଣି ବ୍ୟବହାର କରେ।

ଆମେ ମଣିଷ, ଆମ ଜୀବନରେ ଆମେ ଅନେକ ଠିକ୍ ନିଷ୍ପତ୍ତି ନେଉ, ଆଉକେବେ ଜାଣତ ଅଜାଣତରେ କିମ୍ବା ଭାବାବେଗରେ ଭୁଲ ବି କରିଦେଉ। କିନ୍ତୁ ତାର ଅର୍ଥ ନୁହେଁ ଗୋଟିଏ ଭୁଲ ନିଷ୍ପତ୍ତିର ବୋଝକୁ ସାରାଜୀବନ ମୁଣ୍ଡରେ ବୋହି ବାକିଥିବା ଜୀବନକୁ ସମାପ୍ତ କରିଦେବୁ ।

ତୁମର ଅତୀତ ସହିତ ମୋର କିଛି ଯାଏଆସ ନାହିଁ। ସେ ତୁମର ଅତୀତ ଥିଲା। ସେ ବିଷୟରେ ମୁଁ କିଛି ଜାଣିବାକୁ ଚାହୁଁନି ଏବଂ ଜୀବନରେ କେବେ ବି ଜାଣିବାକୁ ଚାହିଁବିନି। ମୁଁ ଭବିଷ୍ୟତ ବିଷୟରେ ଆଶାବାଦୀ ଏବେବି କେବଳ ଭବିଷ୍ୟତ କଥା ଭାବୁଛି। ପୁରୁଣା ଘରର ନିଅଁ ଉପରେ ନୂଆ ଘର ତୋଳା ହୁଏନି, ବରଂ ପୁରୁଣା ନିଅଁକୁ ପୁଣିଥରେ ଖୋଳି ନୂଆ ନିଅଁ ଗଢାଯାଏ। ସେଇ ନୂଆ ନିଅଁ ଉପରେ ଭବିଷ୍ୟତର ସୌଧ ନିର୍ମାଣ କରାଯାଏ। ତୁମେ ଯଦି ଚାହିଁବ ଆମେ ଆମର ଭବିଷ୍ୟତ ଜୀବନକୁ ସାଥି ହୋଇ ଜୀଇଁ ପାରିବା। ତୁମେ କଣ ଅତୀତକୁ ଗୋଟିଏ ଦୁଃସ୍ୱପ୍ନ ପରି ଭୁଲି ଯାଇ ମୋ ସହିତ ଏକ ନୂଆ ଜୀବନ ଆରମ୍ଭ କରିପାରିବନି? ତୁମେ ମୋତେ ବିବାହ କରିପାରିବ ସଙ୍ଗୀତା? ଆମେ ଦୁଇ ଜଣ ଆଜିର ମୂଳଦୁଆ ଉପରେ ଭବିଷ୍ୟତର ସୌଧ ଗଢି ଯିବା।

ସଙ୍ଗୀତାର ଆଖି ଛଳଛଳ ହୋଇ ଆସୁଥିଲା। କଣ୍ଠ ରୁଦ୍ଧ ହୋଇ ଆସୁଥିଲା ତାର। ଭାବାବେଗରେ ସେ କିଛି କହିପାରୁ ନଥିଲା। ଧାଇଁ ଆସିଲା ମୋ ପାଖକୁ। ମୋତେ ଖୁବ୍ ଜୋରରେ କୁଣ୍ଢେଇ ଧରିଲା। ମୋ ଛାତିରେ ମୁହଁ ଗୁଞ୍ଜିଦେଇ କଇଁକଇଁ ହୋଇ କାନ୍ଦି ଉଠିଲା ସେ। ଭାବାବେଗରେ ମୋର ଦୁଇ ବାହୁ ତାକୁ ନିବିଡ଼ ଭାବେ ଜାବୁଡ଼ି ଧରିଥିଲେ। କେଜାଣି କେତେ ଯୁଗରୁ ସଙ୍ଗୀତା ହୃଦୟରେ ଜମି ରହିଥିବା ଅତୀତର କଳା କୁହୁଡ଼ି ସବୁ ସତେଯେପରି ପ୍ରେମ ଓ ବିଶ୍ୱାସର ସୂର୍ଯ୍ୟକିରଣରେ ଧୀରେଧୀରେ ଅପସରି ଯାଉଥିଲା ।

*ବାହାଲପୁର, ଗଞ୍ଜାମ*
*ଦୂରଭାଷ: ୭୮୮୮୮୬୬୦୨*

ଜାତୀୟ ଚେତନା
JATIYA CHETANA



## ଦୁଇ ବର୍ଷର ପ୍ରତୀକ୍ଷାରେ ଅନ୍ତ

# ବିଶ୍ୱକପ୍ ଟିମ୍‌ରେ ଈଶାନ୍‌ଙ୍କ ସର୍‌ପ୍ରାଇଜ୍ ଏଣ୍ଟ୍ରି



ମୁମ୍ବାଇ,(ସ୍ୱ.ପ୍ର): ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ବିସିସିଆଇ ମୁଖ୍ୟାଳୟରେ ଭାରତୀୟ ଟିମ୍ ଘୋଷଣା ହୋଇଛି। ଆଲୋଚନା ହେଉଥିଲା ନିକଟରେ ଟି-୨୦ ଟିମ୍‌ର ସଦସ୍ୟ ଥିବା ଖେଳାଳିଙ୍କ ବିଶ୍ୱକପ୍ ଟିମ୍‌ରେ ସୁଯୋଗ ଦିଆଯିବ। କିନ୍ତୁ ଚୟନକର୍ତ୍ତାମାନେ ଈଶାନ୍ କିଶନ୍‌ଙ୍କ ନାମରେ ମୋହର ଲଗାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। କିଶାନ୍‌ଙ୍କ ନାମ ଚର୍ଚ୍ଚା ନଥିଲା କିମ୍ବା ସେ ପ୍ଲାନିଂର ଅଂଶବିଶେଷ ଥିଲେ। ସେ ପ୍ରାୟ ଦୁଇ ବର୍ଷ ଧରି ଟିମ୍‌ରୁ ବାହାରେ ଥିଲେ। ନିକଟ ସମୟରେ ଈଶାନ୍ କିଶନ୍ ଭାରତର ଟି-୨୦ ଯୋଜନାର ଅଂଶ ନଥିଲେ। ଏପରି ଲାଗୁଥିଲା ୱିକେଟ୍‌କିପର୍ ରେସ୍‌ରେ ସେ ସଞ୍ଜୁ ସାମ୍‌ସନ୍, ଜିତେଶ ଶର୍ମା, ଧ୍ରୁବ ଜୁରେଲ୍ ଏବଂ ଋଷଭ ପନ୍ତ୍‌ଙ୍କଠାରୁ ପଛେଇ ଯାଇଛି। ମାତ୍ର ଏବେ ଈଶାନ୍ ସିଧା ଘରୋଇ ଟି-୨୦ରୁ ବିଶ୍ୱକପ୍‌ର ୧୫ ଜଣିଆ ଟିମ୍‌ରେ ସ୍ଥାନ ହାସଲ କରିଛନ୍ତି। ଯଦିଓ ଶୁଭମନ୍ ଗିଲ୍‌ଙ୍କୁ ଟିମ୍‌ରୁ ବାହାର କରି ଈଶାନ୍‌ଙ୍କୁ ସାମିଲ କରିବା ପଛରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଟିମ୍ କମ୍ବିନେସନ୍ ଶବ୍ଦର ବ୍ୟବହାର କରିଛନ୍ତ, ତେବେ ଏଥିରେ ସୟଦ୍ ମୁସ୍ତାକ ଅଲୀ ଟ୍ରଫିରେ କିଶନ୍‌ଙ୍କ ଚମତ୍କାର ପ୍ରଦର୍ଶନ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ଈଶାନ୍ କିଶନ୍ ନିଜ ନେତୃତ୍ୱରେ ଝାଡ଼ଖଣ୍ଡ ପ୍ରଥମ ଥର ମୁସ୍ତାକ ଅଲୀ ଟ୍ରଫି ଜିତିଛି। ତାହା ପୁଣି ପୂରା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହି। କିଶନ୍ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫୧୭ ରନ୍ କରିଛନ୍ତି। ଏହା ବ୍ୟତୀତ ସେ ୩୩ ଛକା (ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ) ମଧ୍ୟ ମାରିଛନ୍ତି ଏବଂ ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୯୭.୩୨ ରହିଛି। ଟି-୨୦ରେ ଓପ୍ନର୍ ରୂପରେ ଶୁଭମନ୍ ଗିଲ୍‌ଙ୍କ ବିଫଳତା ମଧ୍ୟରେ କିଶନ୍‌ଙ୍କ ପ୍ରତ୍ୟାବର୍ତ୍ତନ ଆହୁରି ଚକିତ କରିଥିଲେ ମଧ୍ୟ ପ୍ରଭାବଶାଳୀ ହୋଇଛି।

ଈଶାନ୍ କିଶନ୍ ନିଜ କ୍ୟାରିୟରରେ ବର୍ତ୍ତମାନ ସୁଦ୍ଧା ୩୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ବେଳେ ମୋଟ ୭୯୬ ରନ୍ କରିଛନ୍ତି। ତାଙ୍କ ସର୍ବାଧିକ ସ୍କୋର୍ ୮୯ ଏବଂ ଷ୍ଟ୍ରାଇକ୍ ରେଟ୍ ୧୨୪ରୁ ଊର୍ଦ୍ଧ୍ୱ। କିଶନ୍ ଶେଷ ଟି-୨୦ ମ୍ୟାଚ୍ ୨୦୨୩ ନଭେମ୍ବର ୨୮ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଅବଶ୍ୟ ଏହି ମ୍ୟାଚ୍‌ରେ ସେ ଖାତା ଖୋଲିପାରି ନଥିଲେ। କିନ୍ତୁ ନିକଟରେ ମୁସ୍ତାକ ଅଲୀ ଟ୍ରଫିରେ ସେ ଝାଡ଼ଖଣ୍ଡ ପକ୍ଷରୁ କେତେକ କମାଲ୍ ଇନିଂସ୍ ଖେଳିଛନ୍ତି। ଅନ୍ତିମ ମ୍ୟାଚ୍‌ରେ ସେ ଶତକ ମଧ୍ୟ ହାସଲ କରିଥିଲେ।

### ଜିତେଶ ଶର୍ମାଙ୍କୁ ମିଳିଲାନି ସ୍ଥାନ

ଜିତେଶ ଶର୍ମାଙ୍କୁ ପୁଣିଥରେ ଅଣଦେଖା କରାଯାଇଛି। ସାଉଥ୍ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସୁଯୋଗ ମିଳିବା ପରେ ଲାଗୁଥିଲା ବିଶ୍ୱକପ୍ ପାଇଁ ସେ ଏବେ ଭାରତୀୟ ଚୟନକର୍ତ୍ତାଙ୍କୁ ପ୍ରଥମ ପସନ୍ଦର ୱିକେଟ୍‌କିପର୍। ସିରିଜ୍‌ରେ ଜିତେଶଙ୍କୁ ସୁଯୋଗ କମ୍ ମିଳିଥିଲେ ମଧ୍ୟ ସେ ଉନ୍ନତ ପ୍ରଦର୍ଶନ କରିଥିଲେ। ଏହା ସତ୍ତ୍ୱେ ତାଙ୍କୁ ବିଶ୍ୱକପ୍ ଟିମ୍‌ରେ ସାମିଲ କରାନଯିବା କ୍ରିକେଟ୍ ପଣ୍ଡିତଙ୍କୁ ଚକିତ କରିଛି।

### ରିଙ୍କୁ ସିଂହଙ୍କୁ ଦ୍ୱିତୀୟ ସୁଯୋଗ

ରିଙ୍କୁ ସିଂହ ୨୦୨ରୁ ୨୦୨୪ ମଧ୍ୟରେ ଟି-୨୦ ଟିମ୍‌ର ନିୟମିତ ସଦସ୍ୟ ଥିଲେ ଏବଂ ଫିନିସର୍ ଭୂମିକାରେ ଚମତ୍କାର ପ୍ରଦର୍ଶନ କରିଥିଲେ। ମାତ୍ର ଭାରତର ମଲ୍ଟି-ସ୍କିଲ୍‌ଡ ଖେଳାଳିଙ୍କୁ ପ୍ରାଥମିକତା ଦେବା ନୀତି କାରଣରୁ ନିକଟ ଅତୀତରେ ତାଙ୍କୁ କମ୍ ସୁଯୋଗ ମିଳିବାକୁ ଲାଗିଥିଲା। ଟିମ୍‌ରେ ଥିଲେ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ତାଙ୍କୁ ସୁଯୋଗ ମିଳୁ ନଥିଲା। ସାଉଥ୍ ଆଫ୍ରିକା ସିରିଜ୍‌ରୁ ବାଦ୍ ପଡ଼ିବା ପରେ ଚର୍ଚ୍ଚା ହେଉଥିଲା ଯେ ରିଙ୍କ ବିଶ୍ୱକପ୍ ଟିମ୍‌ର ସଦସ୍ୟ ହେବେନାହିଁ। ଏବେ କିନ୍ତ ତାଙ୍କୁ ଫିନିସର୍ ଭାବେ ପୁଣିଥରେ ଟିମ୍‌ରେ ସ୍ଥାନ ମିଳିଛି।

ସୂଚନାଯୋଗ୍ୟ, ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାର ସଂଯୁକ୍ତ ଆୟୋଜନରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟ ଫେବୃଆରୀ ୭ରୁ ଆରମ୍ଭ ହେବ ଏବଂ ଟାଇଟଲ୍ ମୁକାବିଲା ମାର୍ଚ୍ଚ ୮ ତାରିଖରେ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଗ୍ରୁପ୍-ଏ'ରେ ଆମେରିକା, ନାମ୍ବିଆ, ନେଦରଲାଣ୍ଡ ଓ ପାକିସ୍ତାନ ସହିତ ସ୍ଥାନ ପାଇଛି। ଖାସ୍ ବିଷୟ ହେଉଛି ଭାରତ ନିଜ ଗ୍ରୁପ୍ ମ୍ୟାଚ୍ ଚାରିଟି ଭିନ୍ନ ଷ୍ଟାଡିୟମ୍‌ରେ ଖେଳିବ। ଭାରତୀୟ ଟିମ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍, ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍, କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମ୍ ଏବଂ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଆୟୋଜିତ ହେବ।

## ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଟିମ୍ ଘୋଷିତ

ମୁମ୍ବାଇ,(ସ୍ୱ.ପ୍ର): ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ପାଇଁ ୧୫ ଜଣିଆ ଭାରତୀୟ ଟିମ୍ ଘୋଷଣା କରାଯାଇଛି। ମୁମ୍ବାଇର ବିସିସିଆଇ ମୁଖ୍ୟାଳୟରେ ସମ୍ପାଦକ ଦେବଜିତ ସାଇକିଆ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କ ଉପସ୍ଥିତିରେ ସ୍କ୍ୱାଡ୍ ଘୋଷଣା କରିଛନ୍ତି। ଖରାପ ଫର୍ମରେ ଥିବା ଶୁଭମନ୍ ଗିଲ୍‌ଙ୍କୁ ଟିମ୍‌ରୁ ବାଦ୍ ଦିଆଯାଇଥିବା ବେଳେ ଅକ୍ଷର ପଟେଲ୍‌ଙ୍କୁ ଭାଇସ୍ କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି। ୱିକେଟ୍‌କିପର୍ ସଞ୍ଜୁ ସାମ୍‌ସନ୍‌ଙ୍କୁ ସ୍କ୍ୱାଡ୍‌ରେ ସାମିଲ କରାଯାଇଥିବା ବେଳେ ଈଶାନ୍ କିଶନ୍ ଆଶ୍ଚର୍ଯ୍ୟଜନକ ଭାବେ ଦୁଇବର୍ଷ ପରେ ଟିମ୍‌କୁ ଫେରିଛନ୍ତି। ସେହିପରି ରିଙ୍କୁ ସିଂହଙ୍କୁ ମଧ୍ୟ ସୁଯୋଗ ମିଳିଛି। ସାଉଥ୍ ଆଫ୍ରିକା ସିରିଜ୍ ପର୍ଯ୍ୟନ୍ତ ଟିମ୍‌ର ଭାଇସ୍ କ୍ୟାପ୍‌ଟେନ୍ ଥିବା ଶୁଭମନ ଗିଲ୍‌ଙ୍କୁ ଟିମ୍‌ରୁ ବାଦ୍ ଦିଆଯିବା ଚକିତ କରିଛି। ଏବେ ସଞ୍ଜୁ ସାମ୍‌ସନ୍ ଓ ଅଭିଷେକ ଶର୍ମା ଓପ୍ନିଂ ଯୋଡ଼ି ଦାୟିତ୍ୱ ସମ୍ଭାଳିବେ। ଏହା ବ୍ୟତୀତ ୧୫ ଜଣିଆ ଟିମ୍‌ରେ ଜିତେଶ୍ ଶର୍ମା ମଧ୍ୟ ନାହାନ୍ତି। ବିଶ୍ୱକପ୍ ପୂର୍ବରୁ ଏହି ଟିମ୍ ଜାନୁଆରୀ ୨୧ରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚ ଟି-୨୦ ମ୍ୟାଚ୍‌ର ସିରିଜ୍ ମଧ୍ୟ ଖେଳିବ। ଟି-୨୦ ବିଶ୍ୱକପ୍ ଆସନ୍ତାବର୍ଷ ଫେବୃଆରୀ ୭ରୁ କଲମ୍ବୋରେ ପାକିସ୍ତାନ ଓ ନେଦରଲାଣ୍ଡ ମଧ୍ୟରେ ମ୍ୟାଚ୍‌ରୁ ଆରମ୍ଭ ହେବ। ଏହି ଦିନ ଭାରତ ୱାଖେଡ଼େ ଷ୍ଟାଡିୟମ୍‌ରେ ଆମେରିକା ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ। ଫାଇନାଲ୍ ମ୍ୟାଚ୍ ମାର୍ଚ୍ଚ ୮ ତାରିଖରେ ଖେଳାଯିବ। ଏହାର ଭେନ୍ୟୁ ପରେ ସ୍ଥିର କରାଯିବ।

ଭାରତୀୟ ଟି-୨୦ ବିଶ୍ୱକପ୍ ଟିମ୍: ସୂର୍ଯ୍ୟକୁମାର ଯାଦବ (କ୍ୟାପ୍‌ଟେନ୍), ଅଭିଷେକ ଶର୍ମା, ତିଳକ ବର୍ମା, ରିଙ୍କୁ ସିଂହ, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌କିପର୍), ଈଶାନ୍ କିଶନ୍ (ୱିକେଟ୍‌କିପର୍), ହାର୍ଦ୍ଦିକ ପାଣ୍ଡ୍ୟା, ଶିଭମ୍ ଦୁବେ, ଅକ୍ଷର ପଟେଲ୍ (ଭାଇସ୍ କ୍ୟାପ୍‌ଟେନ୍), ୱାଶିଂଟନ୍ ସୁନ୍ଦର, ଜସ୍‌ପ୍ରୀତ୍ ବୁମ୍‌ରା, କୁଲଦୀପ୍ ଯାଦବ, ବରୁଣ ଚକ୍ରବର୍ତ୍ତୀ, ହର୍ଷିତ ରାଣା ଓ ଅର୍ଶଦୀପ୍ ସିଂହ।

# ବିଜୟ ହଜାରେ ଟ୍ରଫି: ଦିଲ୍ଲୀ ଟିମ୍‌ରେ କୋହଲି; ପନ୍ତ୍ କ୍ୟାପ୍‌ଟେନ୍

ନୂଆଦିଲ୍ଲୀ,(ସ୍ୱ.ପ୍ର): ବେଙ୍ଗାଲୁରୁରେ ଆରମ୍ଭ ହେବାକୁ ଥିବା ବିଜୟ ହଜାରେ ଟ୍ରଫି ପାଇଁ ଭାରତୀୟ ୱିକେଟ୍‌କିପର୍-ବ୍ୟାଟର୍ ଋଷଭ ପନ୍ତ୍‌ଙ୍କୁ ଦିଲ୍ଲୀ ଟିମ୍‌ର କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ଟିମ୍‌ରେ ମହାନ୍ ବ୍ୟାଟର୍ ବିରାଟ କୋହଲିଙ୍କ ସମେତ ସିନିୟର୍ ଫାଷ୍ଟ୍ ବୋଲର୍ ଈଶାନ୍ତ ଶର୍ମା ଏବଂ ନବଦୀପ ସାଇନିଙ୍କୁ ସାମିଲ କରାଯାଇଛି। ଡିଡିସିଏ ଶୁକ୍ରବାର କହିଛି ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟରେ ଥିବା ଭାରତୀୟ ଖେଳାଳିଙ୍କ ପାଇଁ ବିସିସିଆଇ ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳିବା ଅନିବାର୍ଯ୍ୟ କରିଥିବାରୁ ସିମ୍ ବୋଲିଂ ଅଲ୍‌ରାଉଣ୍ଡର୍ ହର୍ଷିତ ରାଣା ଉପଲବ୍ଧ ହେବାପରେ ଦିଲ୍ଲୀ ଟିମ୍‌ରେ ଯୋଗଦେବେ। ବ୍ୟାଟିଂ ଅଲ୍‌ରାଉଣ୍ଡର୍ ଆୟୁଷ ବଡ଼ୋନୀଙ୍କୁ ଟିମ୍‌ର ଭାଇସ୍ କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି। ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଟିମ୍‌ରେ ଅର୍ପିତ ରାଣା, ଯଶ୍ ଢୁଲ୍, ସାର୍ଥକ ରଞ୍ଜନ, ପ୍ରିୟାଂଶ ଆର୍ଯ୍ୟ, ତେଜସ୍ୱୀ ସିଂହ, ନୀତୀଶ ରାଣା, ଋତିକ୍ ଶୌକିନ୍, ହର୍ଷ ତ୍ୟାଗୀ, ସିମରଜିତ୍ ସିଂହ, ପ୍ରିନ୍ସ ଯାଦବ, ଦିଭିଜ୍ ମେହେରା, ଆୟୁଷ ଦୋସେଜା, ବୈଭବ କାଣ୍ଡପାଲ, ରୋହନ ରାଣା ଏବଂ ଅନୁଜ ରାୱତ୍‌ଙ୍କୁ ସାମିଲ କରାଯାଇଛି। ୨୦୦୯-୧୦ରେ ଶେଷଥର ପାଇଁ ବିଜୟ ହଜାରେ ଟ୍ରଫି ଖେଳିଥିବା କୋହଲିଙ୍କ ସହିତ କ୍ୟାପ୍‌ଟେନ୍ ପନ୍ତ୍ ଜାନୁଆରୀ ୧୧ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ପାଇଁ ଦିଲ୍ଲୀ ଟିମ୍‌ରେ ଉପଲବ୍ଧ ରହିବେ।

# 'ତୁ ମେରି ମୈ ତେରା ମୈ ତେରା ତୁ ମେରି'ର ଟ୍ରେଲର୍ ରିଲିଜ୍



ମୁମ୍ବାଇ: କାର୍ତ୍ତିକ ଆର୍ଯ୍ୟନ ଏବଂ ଅନନ୍ୟା ପାଣ୍ଡେଙ୍କ ରୋମାଣ୍ଟିକ-କମେଡି ଫିଲ୍ମ 'ତୁ ମେରି ମୈ ତେରା ମୈ ତେରା ତୁ ମେରି'ର ଟ୍ରେଲର୍ ରିଲିଜ୍ ହୋଇଛି। ଫିଲ୍ମ ରିଲିଜ ହେବାର ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ନିର୍ମାତା ଟ୍ରେଲର ରିଲିଜ କରିଛନ୍ତି। ତେବେ ଏହି ଟ୍ରେଲର ଉପରେ ରହିଛି ସମସ୍ତଙ୍କ ନଜର। ଟ୍ରେଲର୍‌ଟି କାର୍ତ୍ତିକ ଆର୍ଯ୍ୟନଙ୍କଠାରୁ ଆରମ୍ଭ ହୋଇଛି। ଯିଏ କି ଜଣେ ଅତୀତ ଏବଂ ଭବିଷ୍ୟତକୁ ଭୁଲି ବର୍ତ୍ତମାନରେ ବଞ୍ଚିବାକୁ ଉଚିତ ମଣୁଛନ୍ତି। ତା'ପରେ ଅନନ୍ୟା ପାଣ୍ଡେଙ୍କୁ ପରିଚୟ କରାଇଥାଏ, ଯିଏ ଫିଲ୍ମରେ ଜଣେ ଲେଖିକା ଭୂମିକାରେ ଅଭିନୟ କରନ୍ତି। ୩ ମିନିଟ ୨୧ ସେକେଣ୍ଡର ଟ୍ରେଲରରେ ସୁନ୍ଦର ବିଦେଶୀ ସ୍ଥାନଗୁଡ଼ିକ ଖୁବ୍ ? ଆକର୍ଷଣୀୟ, କିନ୍ତୁ ଆଉ ସବୁକିଛି ପୂର୍ବ ଫିଲ୍ମଗୁଡ଼ିକଠାରୁ ପରିଚିତ ମନେ ହେବ।

'ତୁ ମେରି ମୈ ତେରା ମୈ ତେରା ତୁ ମେରି'ର ଟ୍ରେଲର ଆପଣଙ୍କୁ ଏକ ସାଧାରଣ ରୋମାଣ୍ଟିକ-କମେଡିକୁ ମନେ ପକାଇଦେବ। ଯେଉଁଠାରେ ନାୟକ ଏବଂ ନାୟିକା ପ୍ରଥମେ ଭେଟୁଛନ୍ତି ଏବଂ ତା'ପରେ ମଜା କରନ୍ତି। ନାୟିକା ପ୍ରଥମେ ନାୟକଙ୍କ ଉପରେ ବିରକ୍ତ ହୋଇଯାଆନ୍ତି। ପରିସ୍ଥିତି ଯୋଗୁ ସେମାନେ ଏକାଠି ରୁହନ୍ତି ଏବଂ ତା'ପରେ ନାୟିକା ତାଙ୍କ ପ୍ରେମରେ ପଡ଼ିଯାଉଛନ୍ତି। ସେମାନଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହେଉଛି ଏବଂ ଶେଷରେ ଝଗଡ଼ା ହେଉଛି ତା'ପରେ ଏକ ଦୁଃଖଦ ଗୀତ ଶୁଣିବାକୁ ମିଳୁଛି। ତା'ପରେ ଫିଲ୍ମର ପୁରୁଣା ଖୁସିର ଶେଷ ମୁହୂର୍ତ୍ତ। ଟ୍ରେଲରରେ ଜ୍ୟାକି ଶ୍ରଫ୍ ଏବଂ ନୀନା ଗୁପ୍ତା ପ୍ରମୁଖ ଭାବରେ ଅଭିନୟ କରିଥିବା ଅନ୍ୟ କଳାକାରଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଟ୍ରେଲରରେ ସେମାନଙ୍କୁ ଅଧିକ ସମୟ ଦେଖିବାକୁ ମିଳୁନାହିଁ। କାର୍ତ୍ତିକ ଆର୍ଯ୍ୟନ ତାଙ୍କ ପରିଚିତ ଶୈଳୀରେ ଦେଖାଯାଇଛନ୍ତି। ତାଙ୍କୁ ଦେଖିଲେ ଲାଗୁଛି ଯେ ସେ ଭୁଲ ଭୁଲୈୟା ୨-୩, ଶେହଜାଦ ଏବଂ ଲୁକା ଛୁପି ପରି। ସମୀର ବିଦ୍ୱାନଙ୍କ ନିର୍ଦ୍ଦେଶିତ, 'ତୁ ମେରି ମୈ ତେରା ମୈ ତେରା ତୁ ମେରି' କରନ ଜୋହରଙ୍କ ଧର୍ମ ପ୍ରଡକ୍ସନ ଦ୍ୱାରା ନିର୍ମିତ। ଏହି ଫିଲ୍ମ ଡିସେମ୍ବର ୨୫ରେ ଫିଲ୍ମ ହଲ୍‌ରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ନିର୍ମାତା ଫିଲ୍ମ ମୁକ୍ତିଲାଭ କରିବାର ଗୋଟିଏ ସପ୍ତାହ ପୂର୍ବରୁ ଟ୍ରେଲର ରିଲିଜ କରିଛନ୍ତି। ପୂର୍ବରୁ ଫିଲ୍ମର ଗୀତଗୁଡ଼ିକ ମୁକ୍ତିଲାଭ କରିଥିଲା। ଲୋକେ ବି ଏହାକୁ ବେଶ୍ ଭଲ ଭାବରେ ଗ୍ରହଣ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ଖ୍ରୀଷ୍ଟମାସରେ ମୁକ୍ତିଲାଭ କରୁଥିବା ଏହି ଫିଲ୍ମଟି ବକ୍ସ ଅଫିସରେ କିପରି ପ୍ରଦର୍ଶନ କରୁଛି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ